

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:109✦ 11 August 2026 (Tuesday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୦୯✦୧୧ ଅଗଷ୍ଟ ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ତାମିଲ ରାଜ୍ୟ ସଙ୍ଗୀତ ପରେ ଗାନ କରାଯିବ ବନ୍ଦେ ମାତରମ୍



ଚେନ୍ନାଇ,୧୦/୮: ତାମିଲନାଡୁ ବିଧାନସଭା ରାଜ୍ୟ ଗୀତ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ ହୋଇଛି। ଦ୍ରାବିଡ ମୁନେତ୍ର କାଝଗମ (ଡିଏମକେ) ଏବଂ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ର କାଝଗମ (ଏଆଇଏଡିଏମକେ), କଂଗ୍ରେସ ଦଳ ସହିତ, ଏହି ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଏହି ପ୍ରସ୍ତାବ ଆଗତ କରିଥିଲେ। ଜ୍ୟର ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ରାଜ୍ୟ ସଙ୍ଗୀତ 'ତାମିଲ ଥାଇ ଭାଜଥୁ' ବଜାଇବା ପାଇଁ ଆନୁଷ୍ଠାନିକ ଭାବରେ ବାଧ୍ୟତାମୂଳକ କରାଯାଇଛି। ଏହା ପରେ ବନ୍ଦେ ମାତରମ୍ ଗାନ କରାଯିବ ବୋଲି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି।ପ୍ରସ୍ତାବ ଉପସ୍ଥାପନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ତାମିଲ ଥାଇ ଭାଜଥୁକୁ ସର୍ବୋଚ୍ଚ ପ୍ରାଥମିକତା ମିଳିବା ଉଚିତ୍। ତାମିଲ ଅର୍ଥ ଗର୍ବ, ତାମିଲ ଅର୍ଥ ଶକ୍ତି। ତାମିଲ କହିବା ମାତ୍ରେ ସମଗ୍ର ତାମିଲନାଡୁ ଏକ ହୋଇଯାଏ। ତେଣୁ ତାମିଲ ଥାଇ ଭାଜଥୁକୁ ତାମିଲନାଡୁରେ ପ୍ରଥମ ସ୍ଥାନ ମିଳିବା ଉଚିତ୍। ତାମିଲ ଥାଇ ଭାଜଥୁକୁ ପ୍ରଥମ ସ୍ଥାନ ଦେବା ଆମ ରାଜ୍ୟର ଅଧିକାର। ଏକ ଭାବପ୍ରବଣ ଭାଷଣରେ ବିଜୟ କହିଥିଲେ, ତାମିଲ କେବଳ ଏକ ଭାଷା ନୁହେଁ, ବରଂ ଆମର ଜୀବନ ଏବଂ ଆତ୍ମା । ମାତୃଭାଷା ମଣିଷର ମାଆ ପରି ପବିତ୍ର। ସେ ବିଧାନସଭାର ସଦସ୍ୟମାନଙ୍କୁ ସର୍ବସମ୍ମତିକ୍ରମେ ଏହି ପ୍ରସ୍ତାବକୁ ସମର୍ଥନ କରିବାକୁ ନିବେଦନ କରିଥିଲେ। ସେ କହିଥିଲେ ଯେ ତାମିଲଗା ଭେଟ୍ରି କାଝାଗମ(ଟିଭିକେ) ରାଜ୍ୟ ସଙ୍ଗୀତର ସମ୍ମାନ ରକ୍ଷା ପ୍ରସଙ୍ଗରେ କୌଣସି ପ୍ରକାର ସାଲିସ କରିବ ନାହିଁ। ସମସ୍ତ ସଦସ୍ୟ ଦଳୀୟ ମତଭେଦକୁ ଭୁଲି ଏହି ପ୍ରସ୍ତାବକୁ ଏକତ୍ର ସମର୍ଥନ କରିବା ଉଚିତ୍।ପ୍ରସ୍ତାବରେ କୁହାଯାଇଛି ଯେ ତାମିଲ ହେଉଛି ବିଶ୍ୱର ସବୁଠାରୁ ପୁରୁଣା ଶାସ୍ତ୍ରୀୟ ଭାଷା ମଧ୍ୟରୁ ଗୋଟିଏ। ତାମିଲ ସଭ୍ୟତା ହେଉଛି ବିଶ୍ୱର ସବୁଠାରୁ ପୁରୁଣା ସାଂସ୍କୃତିକ ପରମ୍ପରା ମଧ୍ୟରୁ ଗୋଟିଏ। ଏଥିରେ ଉଲ୍ଲେଖ ଅଛି ଯେ 'ତାମିଲ ଥାଇ ଭାଜଥୁ' ୧୮୯୧ ମସିହାରେ ମନୋନମନୀୟମ ସୁନ୍ଦରାନରଙ୍କ ଦ୍ୱାରା ଲିଖିତ ନାଟକ ୨ମାନନମନୀୟମ'ରେ ମାତା ତାମିଲଙ୍କ ସ୍ତୁତି ଭାବରେ ଅନ୍ତର୍ଭୁକ୍ତ କରାଯାଇଛି। ସରକାରୀ କାର୍ଯ୍ୟକ୍ରମରେ ଏହାକୁ ଗାଇବାର ବ୍ୟବସ୍ଥା ପ୍ରଥମେ ୨୩ ନଭେମ୍ବର ୧୯୭୦ରେ ଜାରି ହୋଇଥିବା ଏକ ସରକାରୀ ଆଦେଶ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିଲା।ପ୍ରସ୍ତାବରେ ଆହୁରି କୁହାଯାଇଛି ଯେ 'ତାମିଲ ଥାଇ ଭାଜଥୁ'କୁ ୧୭ ଡିସେମ୍ବର ୨୦୨୧ ରୁ ଆନୁଷ୍ଠାନିକ ଭାବରେ ରାଜ୍ୟ ଗୀତର ମାନ୍ୟତା ଦିଆଯାଇଥିଲା। ଏହା ପରେ, ତାମିଲନାଡୁର ଶିକ୍ଷାନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ସାର୍ବଜନୀନ କ୍ଷେତ୍ରର ଉପକ୍ରମ ଏବଂ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମ ପୂର୍ବରୁ ଏହାକୁ ଗାନ କରିବା ବାଧ୍ୟତାମୂଳକ କରି ଏକ ନିର୍ଦ୍ଦେଶ ଜାରି କରାଯାଇଛି।କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଏକ ସମ୍ପ୍ରତିକ ପରାମର୍ଶର ପୃଷ୍ଠଭୂମିରେ ଏହି ପଦକ୍ଷେପ ନିଆଯାଇଛି।


ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ଚାଷୀଙ୍କୁ ମିଳିବ ଆଧାର ଭଳି ସ୍ୱତନ୍ତ୍ର ପରିଚୟ ପତ୍ର: ଏଗ୍ରିଷ୍ଟେକ ଆଇଡ଼ି ପାଇଁ ଘରକୁ ଯିବେ ସରକାର



ଭୁବନେଶ୍ୱର,୧୦/୮(ନି/ପ୍ର): ରାଜ୍ୟର ଚାଷୀଙ୍କୁ ଏବେ ମିଳିବ ଏକ ନୂଆ ପରିଚୟ । ଆଧାର କାର୍ଡ ଭଳି ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର 'ଏଗ୍ରିଷ୍ଟେକ (Agristack)ଆଇଡ଼ି' ପ୍ରସ୍ତୁତ କରିବାକୁ ସରକାର ଅଟାଂ ଭିଡ଼ିଛନ୍ତି । ଏହି ପରିଚୟ ପତ୍ର ମାଧ୍ୟମରେ ଚାଷୀମାନେ ସରକାରୀ ସୁବିଧା ସୁଗମରେ ପାଇପାରିବେ । ଏହି ପଞ୍ଜୀକରଣ ପ୍ରକ୍ରିୟା ବିଭିନ୍ନ ସମବାୟ ସମିତି ବା ସୋସାଇଟିରେ କରାଯାଉଛି । ତେବେ ଯେଉଁ ଚାଷୀମାନେ କୌଣସି କାରଣବଶତଃ ସମବାୟ ସଂସ୍ଥାକୁ ଆସିପାରିବେ ନାହିଁ, ସେମାନଙ୍କ ପାଇଁ ସରକାରୀ ଅଧିକାରୀମାନେ ନିଜେ ଚାଷୀଙ୍କ ପାଖକୁ ଯାଇ ପଞ୍ଜୀକରଣ କରିବେ ବୋଲି ସରକାର ନିଷ୍ପତ୍ତି ନେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ କୃଷି, ରାଜସ୍ୱ ଓ ସମବାୟ ବିଭାଗର ଅଧିକାରୀମାନେ ମିଳିତ ଭାବେ ସାହାଯ୍ୟ କରିବେ। ଏନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କୃଷି, ସମବାୟ, ରାଜସ୍ୱ ଏବଂ ଯୋଗାଣ ବିଭାଗର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ପଞ୍ଜୀକରଣ ପ୍ରକ୍ରିୟାକୁ କିପରି ସରଳ କରାଯାଇପାରିବ ସେ ନେଇ ଆଲୋଚନା କରିଛନ୍ତି । ଚାଷୀଙ୍କୁ ଏହି ଓଉ ଜେନେରେଟ ହେବା ପରେ ଏକ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରାଯିବ, ଯାହା ସେମାନଙ୍କର କୃଷି ସମ୍ବନ୍ଧୀୟ ସମସ୍ତ ତଥ୍ୟ ସଂରକ୍ଷିତ ରଖିବ । ଏହି ପ୍ରକ୍ରିୟାରେ ଆହୁରି ଏକ ବଡ଼ ସୁବିଧା ରଖାଯାଇଛି । ବିଦେଶରେ ରହୁଥିବା ଚାଷୀମାନେ ମଧ୍ୟ ଭିଡିଓ କନଫରେନ୍ସିଂ (୦ଉ) ମାଧ୍ୟମରେ ନିଜର ପଞ୍ଜୀକରଣ କରିପାରିବେ ଏବଂ ଆଖି ସ୍କାନ (ରଚ୍ଚର ଝମବଭ) ପ୍ରକ୍ରିୟା ମଧ୍ୟ ସମ୍ପୂର୍ଣ୍ଣ କରିପାରିବେ । ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ଚାଷୀ ପଞ୍ଜୀକରଣ ନେଇ କୌଣସି ସମସ୍ୟା ହେବ ନାହିଁ। ଯଦି ଆବଶ୍ୟକ ପଡ଼େ, ତେବେ ପଞ୍ଜୀକରଣର ଅବଧି ବା ସମୟ ସୀମାକୁ ମଧ୍ୟ ବୃଦ୍ଧି କରାଯିବ । ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପ୍ରକୃତ ଚାଷୀଙ୍କ ପାଖରେ ସରକାରୀ ଯୋଜନା ଓ ସାହାଯ୍ୟ ପହଚିଂବା ଅଧିକ ସହଜ ହେବ ।

## ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଦ୍ୱାରା ଦିଲ୍ଲୀରେ ଜଳବାୟୁ ସମ୍ମିଳନୀ ଆୟୋଜନ



ନୂଆଦିଲ୍ଲୀ,୧୦/୮: ଦେଶର ଅଗ୍ରଣୀ ସାମାଜିକ ଓ ଦାତବ୍ୟ ଅନୁଷ୍ଠାନ 'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ଅଫ୍ ଏଜୁକେସନାଲ୍ ଆଣ୍ଡ୍ ଚ୍ୟାରିଟେବଲ୍ ଟ୍ରଷ୍ଟ' ପକ୍ଷରୁ ନୂଆଦିଲ୍ଲୀଠାରେ 'ଜଳବାୟୁ ପରିବର୍ତ୍ତନ: ଆହ୍ୱାନ ଓ ଅବସର' ଶୀର୍ଷକ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ସମ୍ମିଳନୀରେ ନୀତି ନିର୍ଦ୍ଧାରକ, ବୈଜ୍ଞାନିକ, ପରିବେଶବିତ୍, ଶିଳ୍ପପତି, ଶିକ୍ଷାବିତ୍ ଓ ସମାଜସେବୀମାନେ ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପରିବେଶ ସଂରକ୍ଷଣ ଏବଂ ନିରନ୍ତର ବିକାଶ ସାଧନ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରସ୍ତାବ, ଯୋଜନା ଓ ଅଭିନବ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଦେଶର ବିଭିନ୍ନ ପ୍ରାନ୍ତର ୨୧ ଜଣ ବିଶିଷ୍ଟ ପରିବେଶବିତ୍, ସମାଜସେବୀ ଏବଂ ଅନୁଷ୍ଠାନଙ୍କୁ ପରିବେଶ ସୁରକ୍ଷା, ଜଳବାୟୁ ସଚେତନତା ଓ ସମାବେଶୀ ବିକାଶ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନସ୍ୱଦ 'ପଚଂମ ପରିବେଶ ରତ୍ନ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସମ୍ମାନିତ ବ୍ୟକ୍ତି ଓ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ରବୀନ୍ଦ୍ରନାଥ ପ୍ରଧାନ, କିଶୋର ଦ୍ୱିବେଦୀ, ଆଶୁତୋଷ ତ୍ରିପାଠୀ, ଇଞ୍ଜିନିୟର ସୁଶାନ୍ତ କୁମାର ମହାପାତ୍ର, ଡକ୍ଟର ମଧୁସ୍ମିତା ଦାସ, ଡକ୍ଟର ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଦୀପକ କୁମାର ରଥ, ଇଞ୍ଜିନିୟର ଅକ୍ଷୟ କୁମାର ସାମଲ, ରୀତା ପାତ୍ର, ବନ୍ଦନା ସାହୁ, ବିଶ୍ୱନାଥ ଗୁରୁଦନ୍, ସୟଦ ଇସାକ୍, ସଞ୍ଜୟ ମିଶ୍ର, ଜ୍ୟୋସ୍ନାରାଣୀ ରାଉତରାୟ, ବିଜୟା ନବମୀ, ଗୋବର୍ଦ୍ଧନ ଧଳ, ପ୍ରବୀର କୁମାର ମହାନ୍ତି, ଅଜୟ କୁମାର ବେହେରା, କେଏମ୍ଭି ପ୍ରୋଜେକ୍ଟସ୍ ଲିମିଟେଡ୍ ଏବଂ ମହାକାଂକ୍ଷା ୱେଲଫେୟାର୍ ଫାଉଣ୍ଡେସନ୍ ଆଦି ଅନ୍ତର୍ଭୁକ୍ତ ଥିଲେ। ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ସାରା ଦେଶରେ ପରିବେଶ ସୁରକ୍ଷା, ଜଳବାୟୁ ସନ୍ତୁଳନ ଓ ସମାଜସେବା କ୍ଷେତ୍ରରେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ କରାଯାଉଥିବା ବ୍ୟାପକ ଜନହିତକର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡକ୍ଟର ବିପିନ ବିହାରୀ ମିଶ୍ର ଓ ପ୍ରତିଷ୍ଠାତ୍ରୀ ଡକ୍ଟର ସୁକାନ୍ତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଏଭଳି ମହତ ଓ ଅଭିନବ ପଦକ୍ଷେପ ଗ୍ରହଣ କରାଯାଉଥିବାରୁ ସେ ଉଭୟଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ଅଭିଭାଷଣ ପ୍ରଦାନ କରି ଭାରତ ସରକାରଙ୍କ ପାଣିପାଗ ବିଭାଗର ମହା-ନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର ବିଶ୍ୱ ତାପମାନ ବୃଦ୍ଧି ଏବଂ ପରିବେଶ ପ୍ରଦୂଷଣର ଭୟାବହ ପ୍ରଭାବ ସମ୍ପର୍କରେ ସତର୍କବାଣୀ ଶୁଣାଇଥିଲେ। ସମ୍ମିଳନୀରେ ମୁଖ୍ୟ ପ୍ରବନ୍ଧ ଉପସ୍ଥାପନ କରି ହର୍ଲ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶିବପ୍ରସାଦ ମହାନ୍ତି ପୃଥିବୀରେ ଦ୍ରୁତଗତିରେ ହେଉଥିବା ପରିବେଶଗତ ଅବକ୍ଷୟ ଓ ତାହାଦ୍ୱାରା ଉପୁଜିଥିବା ସଙ୍କଟ ସମ୍ପର୍କରେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଉପସ୍ଥିତ ବରେଣ୍ୟ ଅତିଥିମାନଙ୍କ ମଧ୍ୟରେ ଏଚ୍‌ପିସିଏଲ୍‌ର ମୁଖ୍ୟ ମହାପ୍ରବନ୍ଧକ ରମେଶ ଚନ୍ଦ୍ର ବାଘ ,ବରିଷ୍ଠ ପ୍ରଶାସକ ଗୋକୁଳ ପଟ୍ଟନାୟକ ଏବଂ ଡକ୍ଟର ସଞ୍ଜୀବ କୁମାର ପାଟ୍ଟଯୋଶୀ ପ୍ରମୁଖ ସାମିଲ ଥିଲେ।

# ପରମାଣୁ ବୁଝାମଣାରୁ ଓହରିବେ ଟ୍ରମ୍ପ

## ହୋର୍ମୁଜ ସମ୍ପୂର୍ଣ୍ଣ ଖୋଲିଲେ ଇରାନ୍‌କୁ ସବୁ ମାଫ୍




ୱାଶିଂଟନ,୧୦/୮: ଯୁଦ୍ଧରୁ ବର୍ତିବାକୁ ବାଟ ଖୋଜୁଛନ୍ତି ଟ୍ରମ୍ପ । ଏଥିପାଇଁ ପରମାଣୁ ବୁଝାମଣାରୁ ଓହରିବେ ଟ୍ରମ୍ପ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯେଉଁ ଉଦ୍ଦେଶ୍ୟ ନେଇ ଇରାନ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିଲେ ତାହା ସଫଳ ହୋଇପାରିଲା ନାହିଁ । ବରଂ ଇରାନ ଯୁଦ୍ଧ ଆହୁରି ଆଗକୁ ଟାଣିବାରେ ଲାଗିଛି । ତେଣୁ ଏଥିରୁ ବର୍ତ୍ତିବାକୁ ଟ୍ରମ୍ପ ବାଟ ଖୋଜୁଛନ୍ତି । ବର୍ତ୍ତମାନ ସେ ଚାହୁଁଛନ୍ତି ଇରାନ ପୂର୍ବଭଳି ହୋର୍ମୁଜ ପ୍ରଣାଳୀକୁ ଖୋଲୁ । ଯାହାଫଳରେ ଇରାନ ସହ ପରମାଣୁ ବୁଝାମଣାରୁ ସେ ଓହରିଯିବେ । ଏଥିସହ ଇରାନ ବିରୋଧରେ ଆମେରିକା ଯୁଦ୍ଧବିଜୟୀ ହେଲା ବୋଲି ଘୋଷଣା କରିବେ । ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଏଭଳି ଖବର ପ୍ରକାଶ କରିଛି । ସେଥିରେ କୁହାଯାଇଛି କି ଟ୍ରମ୍ପ ବ୍ୟକ୍ତିଗତ ଭାବେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି । ସେମାନଙ୍କ ସହ ଇରାନ ଯୁଦ୍ଧରୁ ଖସିବାର ବାଟ ଖୋଜୁଛନ୍ତି । ଇରାନ ଯଦି ହୋର୍ମୁଜକୁ ପୂର୍ବଭଳି ସମ୍ପୂର୍ଣ୍ଣ ଖୋଲିବ ତେବେ ସେ ପରମାଣୁ ବୁଝାମଣା ପ୍ରସଙ୍ଗରୁ ଓହରିଯିବେ ବୋଲି ମଧ୍ୟ ସେମାନଙ୍କୁ ଟ୍ରମ୍ପ ସଙ୍କେତ ଦେଇଛନ୍ତି । ଟ୍ରମ୍ପ କହିଛନ୍ତି ୨୦୨୫ ମେ'ରେ ଇରାନର ୩ଟି ଆଣବିକ କେନ୍ଦ୍ର ଉପରେ ଆକ୍ରମଣ କରି ତାକୁ ସମ୍ପୂର୍ଣ୍ଣ ନଷ୍ଟ କରିଦିଆଯାଇଛି । ତେଣୁ ଇରାନ ଆଉ ପରମାଣୁ କାର୍ଯ୍ୟ ଆରମ୍ଭ କରିବା ଭଳି ସ୍ଥିତିରେ ନାହିଁ । ଇରାନ ଆଣବିକ କେନ୍ଦ୍ରର ପୁନଃନିର୍ମାଣ କିମ୍ବା ଗୋପନରେ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିଥିବା ନେଇ ଗୁଇନ୍ଦା ସୂଚନା ମିଳିନାହିଁ । ସେହିଭଳି ଇରାନର ସମୃଦ୍ଧ ୟୁରାନିୟମ କିମ୍ବା ୟୁରାନିୟମ ଭଣ୍ଡାରକୁ ନେଇ ଚିନ୍ତାର କୌଣସି କାରଣ ନାହିଁ ବୋଲି ଟ୍ରମ୍ପ ଅଧିକାରୀଙ୍କୁ କହିଛନ୍ତି । କିନ୍ତୁ ଇରାନ ପରମାଣୁ କାର୍ଯ୍ୟକ୍ରମ ଜାରି ରଖିଥିବା ଅଭିଯୋଗ ଆଣି ଟ୍ରମ୍ପ ଗତ ଫେବ୍ରୁଆରୀ ୨୮ରେ ଇସ୍ରାଏଲ ସହ ମିଶି ତେହରାନରେ ପ୍ରଚଣ୍ଡ ଆକ୍ରମଣ କରିଥିଲେ । ତେବେ ଟ୍ରମ୍ପଙ୍କ ପାଇଁ ହୋର୍ମୁଜ ଖୋଲିବା ଏତେ ସହଜ ହେବନାହିଁ । କାରଣ ହୋର୍ମୁଜ ଖୋଲିବା ଲାଗି ଇରାନ ତାର ସର୍ତ୍ତରେ ଏକ ଲମ୍ବା ତାଲିକା ପ୍ରଦାନ କରିଛି । ସେଥିରେ ଯୁଦ୍ଧଜନିତ କ୍ଷତିଭରଣା ଲାଗି କୋଟି କୋଟି ଡଲାର ସହାୟତା, ଜବତ ହୋଇଥିବା ସମସ୍ତ ପାଣ୍ଠି ଫେରସ୍ତ, ସବୁ ବାସନ୍ଦ ଉଠାଇବା, ଆମେରିକା ନୌସେନା ଅବରୋଧ ହଟାଇବା, ମଧ୍ୟପ୍ରାଚ୍ୟରୁ ଆମେରିକା ସେନା ପ୍ରତ୍ୟାହାର ସମେତ ଆହୁରି କେତେକ ସର୍ତ ରହିଛି।

## ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ: ୧୬ ଶ୍ରମିକଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୧୦/୮: ସାଉଦି ଆରବର ରିୟାଦର ମୁସା ସନୈୟା ଅଚଂଳରେ ଏକ ସୋଫା କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡଘଟି ୧୬ ଜଣ ପ୍ରବାସୀ ବାଂଲାଦେଶୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବାଂଲାଦେଶର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଘଟଣାର ସତ୍ୟାସତ୍ୟ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ଦୁଃଖ ଏବଂ ସମବେଦନା ବ୍ୟକ୍ତ କରିଛି। ରିପୋର୍ଟ ଅନୁଯାୟୀ, ରବିବାର ସ୍ଥାନୀୟ ସମୟ ପ୍ରାୟ ଅପରାହ୍ନ ୩:୩୦ ସମୟରେ ରିୟାଦର ଖୋର୍ଦ୍ଦମ ଅଚଂଳସ୍ଥ ସୋଫା କାରଖାନାରେ ଅଗ୍ନିକାଣ୍ଡ ଘଟିଥିଲା। କେହି କିଛି ବୁଝିବା ପୂର୍ବରୁ ନିଆଁ ସମଗ୍ର କାରଖାନାକୁ ଗ୍ରାସ କରିଦେଇଥିଲା। ଘଟଣାର ଖବର ପାଇବା ମାତ୍ରେ ରିୟାଦରେ ଥିବା ବାଂଲାଦେଶୀ ଦୂତାବାସର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଚିଂ ଥିଲେ। ସେମାନେ ପୀଡିତମାନଙ୍କୁ ଚିହ୍ନଟ କରିବା ସହ ଏ ମୃତଦେହଗୁଡ଼ିକୁ ସ୍ୱଦେଶ ଫେରାଇବା ପାଇଁ ଆବଶ୍ୟକୀୟ ଔପଚାରିକତା ପୂରଣ କରିବା ପାଇଁ ସାଉଦି କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ଭାବରେ ସମନ୍ୱୟ ସ୍ଥାପନ କରୁଛନ୍ତି।

## ନଦୀରୁ ମହିଳାଙ୍କ ଶବ ଉଦ୍ଧାର, ହତ୍ୟା ସନ୍ଦେହ

ବରୀ,୧୦/୮(ନି/ପ୍ର): ରଂପା ପଚାଂୟତର ଦୁଧେଇ ନଦୀରୁ ସୋମବାର ସକାଳେ ଜଣେ ମହିଳାଙ୍କ ମୃତଦେହ ଭାସୁଥିବା ବେଳେ ବରୀ ପୁଲିସ ଉଦ୍ଧାର କରିଛି। ନଦୀବନ୍ଧ ପାର୍ଶ୍ୱରେ ଥିବା ଏକ ଶବର ବସ୍ତିର ନାଲୁ ଦାସଙ୍କ ସ୍ତ୍ରୀ ଗୀତା ଦାସ(୪୦)ଙ୍କ ମୃତଦେହ ବୋଲି ଚିହ୍ନଟ କରିଛନ୍ତି ପରିବାର ଲୋକେ। ଗତକାଲି ସଂଧ୍ୟା ପର୍ଯ୍ୟନ୍ତ ଗୀତା ନଦୀବନ୍ଧରେ ବସି ଫୋନରେ କଥା ହେଉଥିବା ଗାଁ ଲୋକମାନେ ଦେଖିଥିଲେ। ମାତ୍ର ରାତିକୁ ଗୀତା ଘରକୁ ଫେରିନଥିବାରୁ ପରିବାର ଲୋକେ ତାକୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ମିଳିନଥିଲା। ସୋମବାର ସକାଳେ ତାଙ୍କର ମୃତଦେହ ପାଣିରେ ଭାସୁଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ବରୀ ପୁଲିସ ପହଚିଂ ଶବ ଉଦ୍ଧାର କରି ୨୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଯାଜପୁର ପଠାଇଥିଲା ବେଳେ ଏହାକୁ ଏକ ହତ୍ୟାକାଣ୍ଡ ବୋଲି ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ସତ୍ୟତା ଜଣାପଡ଼ିବ।



## ସଞ୍ଜୀବ ପଣ୍ଡା, ଯଶୋବନ୍ତ ଜେଠୱାଙ୍କୁ ପଦୋନ୍ନତି

ଭୁବନେଶ୍ୱର,୧୦/୮(ନି/ପ୍ର): ନୂଆ ଡିଜିପି ନିଯୁକ୍ତି ଚର୍ଚ୍ଚା ଭିତରେ ବଡ଼ ଖବର ସୋମବାର ସାମ୍ନାକୁ ଆସିଛି। ଡିଜି ପାହ୍ୟାକୁ ପଦୋନ୍ନତି ପାଇଲେ ସଞ୍ଜୀବ ପଣ୍ଡା, ଯଶୋବନ୍ତ ଜେଠୱା। ଏଡିଜିରୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଲେ ରାଜ୍ୟ ସରକାର। ପଦୋନ୍ନତି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଆସନ୍ତା ୧୬ ତାରିଖରେ ଡିଜିପି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି।

## ବେଜିଂରେ ବସି ନାଟୋର ସୁରକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବା ଷଡ଼ଯନ୍ତ୍ର:

### ୟୁକେର ନିରୀକ୍ଷଣ ଡ୍ରୋନ୍ ଚୀନ୍ ପାଇଁ ଗୁପ୍ତଚରୀ



ଲଣ୍ଡନ,୧୦/୮:ଚୀନ୍ ପୁଣିଥରେ ପ୍ରମାଣିତ କରିଛି ଯେ ଅନ୍ଧ ଭାବରେ କାହାକୁ ବିଶ୍ୱାସ କରିବା କେତେ ବିପଦପୂର୍ଣ୍ଣ ହୋଇପାରେ। ଏହି ମାମଲା ସିଧାସଳଖ ବ୍ରିଟେନର ସବୁଠାରୁ ସମ୍ବେଦନଶୀଳ ସାମରିକ ୟୁନିଟ୍ ସହିତ ଜଡିତ। ଶତ୍ରୁମାନଙ୍କ ଉପରେ ଗୁପ୍ତଚରୀ ପାଇଁ ବ୍ୟବହୃତ ନିରୀକ୍ଷଣ ଡ୍ରୋନ୍ ଚୀନ୍‌ର ସହାୟତା କରୁଥିବା ଜଣାପଡ଼ିଛି। ବ୍ରିଟିଶ ରୟାଲ ନୌସେନା ଏବଂ ସ୍ୱତନ୍ତ୍ର ବାହିନୀର କେ-୩ ସ୍କାଉଟ୍ ଡ୍ରୋନ୍‌ର କ୍ୟାମେରାଗୁଡ଼ିକ ଚୀନ୍‌ର ଏକ ଆଇପି ଠିକଣାକୁ ଲଗାତାର ସିଗନାଲ୍ ପଠାଉଥିବା କୁହାଯାଉଛି । ଏହି ସିଗନାଲ୍ ସୂଚାଇବା ପାଇଁ ଉଦ୍ଦିଷ୍ଟ ଯେ, ସିଷ୍ଟମ ଚାଲୁଛି ଏବଂ ଠିକ୍ ଭାବରେ କାର୍ଯ୍ୟ କରୁଛି। ସରକାର କହିଛନ୍ତି ଯେ କୌଣସି ସମ୍ବେଦନଶୀଳ ତଥ୍ୟ ଲିକ୍ ହେବାର କୌଣସି ପ୍ରମାଣ ମିଳିନାହିଁ, କିନ୍ତୁ ଏହି ଯୁକ୍ତି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତର ଦେବାରେ ବିଫଳ ହୋଇଛି। ଏହି ମାମଲା କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଏକ ଗୁରୁତର ରଣନୈତିକ ଦୁର୍ବଳତାକୁ ପ୍ରକାଶ କରିଛି। ସବୁଠାରୁ ଚିନ୍ତାଜନକ କଥା ହେଉଛି, ଶତ୍ରୁମାନଙ୍କ ଉପରେ ଗୁପ୍ତଚରୀ କରିବା ପାଇଁ ବ୍ରିଟେନର ସବୁଠାରୁ ଗୁପ୍ତ ୟୁନିଟ୍ ଦ୍ୱାରା ବ୍ୟବହୃତ ଡ୍ରୋନ୍ ଏବେ ସନ୍ଦେହର ଘେରରେ ରହିଛି। ଏହି ସିଷ୍ଟମ୍ ପ୍ରାୟ କୋଟିଏ ୨୦ ଲକ୍ଷ ପାଉଣ୍ଡ ଖର୍ଚ୍ଚରେ ବିକଶିତ ହୋଇଥିଲା ଏବଂ ମାର୍ଚ୍ଚ ମାସରୁ ଏହା ବ୍ୟବହାର କରାଯାଉଛି। ଡ୍ରୋନ୍ ବନ୍ଦ ହେବା ପରେ ମଧ୍ୟ କ୍ୟାମେରାଗୁଡ଼ିକ ସକ୍ରିୟ ରହିଛି। ଏହା ଆଶଙ୍କା ସୃଷ୍ଟି କରିଛି ଯେ, ସମ୍ବେଦନଶୀଳ ଅଚଂଳଗୁଡ଼ିକ ଉପରେ ନଜର ରଖାଯାଉଛି। ଏହି ସିଷ୍ଟମ୍ଗୁଡ଼ିକୁ ସ୍ୱେଶାଲ୍ ଡଙ୍ଗା ସେବା ଭଳି ଉଚ୍ଚ ବର୍ଗୀକୃତ ସ୍ଥାନଗୁଡ଼ିକ ପାଖରେ ବ୍ୟବହାର କରାଯାଇଥିଲା। ସ୍ୱେଶାଲ୍ ଡଙ୍ଗା ସେବାର ମୁଖ୍ୟାଳୟ ପାଖରେ ଏହି ଡ୍ରୋନ୍‌ଗୁଡ଼ିକର ଉପସ୍ଥିତି ବିଷୟରେ ବିଶେଷ ଚିନ୍ତା ପ୍ରକାଶ ପାଇଛି। କାରଣ ସେଠାରେ ନାଟୋର ଅନେକ ଗୋପନୀୟ ବୈଠକ ଅନୁଷ୍ଠିତ ହୋଇଥାଏ। ଏହି ଖୁଲାସା ଏପରି ଏକ ସମୟରେ ହୋଇଛି ଯେତେବେଳେ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧି ପାଉଛି। ରିପୋର୍ଟ ଅନୁଯାୟୀ, ଜାହାଜର ସୁରକ୍ଷିତ ପଥ ଉପରେ ନଜର ରଖିବା ପାଇଁ ଏହି ଡ୍ରୋନ୍‌ଗୁଡ଼ିକୁ ହର୍ମୁଜ୍ ପ୍ରଣାଳୀରେ ମୁତୟନ କରାଯିବାର ଥିଲା। ହର୍ମୁଜ୍ ଏକ ସାଧାରଣ ସମୁଦ୍ର ପଥ ନୁହେଁ, ବରଂ ବିଶ୍ୱର ତୈଳ ଯୋଗାଣ ପାଇଁ ଜୀବନରେଖା ମଧ୍ୟରୁ ଗୋଟିଏ। ଯଦି ସେଠାରେ ଅପରେସନ୍ ପାଇଁ ପ୍ରସ୍ତୁତ ହେବା ପାଇଁ ବ୍ୟବହୃତ ସିଷ୍ଟମ୍ ସନ୍ଦେହଜନକ ହୁଏ, ତେବେ ଏହା କେବଳ ବ୍ରିଟେନ୍ ନୁହେଁ ବରଂ ସମଗ୍ର ବିଶ୍ୱର ସୁରକ୍ଷା ବ୍ୟବସ୍ଥାକୁ ଏକ ଚେତାବନୀ ସଦୃଶ ହେବ। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଚୀନ୍ ଏବଂ ଇରାନ୍ ଘନିଷ୍ଠ ବନ୍ଧୁ। ତେଣୁ, ଅପରେସନ୍‌ର ବିବରଣୀ ଇରାନ ପାଖରେ ପହହଚିଂପାରିଥାନ୍ତା। ବିବାଦର ମୂଳରେ ରହିଛି ସାମରିକ ଯୋଗାଣ ଶୃଙ୍ଖଳା। ଏହି କ୍ୟାମେରାଗୁଡ଼ିକୁ ଏକ ତୃତୀୟ ପକ୍ଷ ଯୋଗାଣକାରୀଙ୍କ ମାଧ୍ୟମରେ ଯୋଗାଇ ଦିଆଯାଇଥିଲା।

## 'ବୋଲ ବମ୍' ସ୍ୱରରେ କମ୍ପୁଛି ହରିଦ୍ୱାର

### କାଉଡ଼ିଆଙ୍କ ସଂଖ୍ୟା ୪ କୋଟି ଅତିକ୍ରମ



ନୂଆଦିଲ୍ଲୀ,୧୦/୮: ହର ହର ମହାଦେବ ଧ୍ୱନିରେ କମ୍ପୁଛି ହରିଦ୍ୱାର, ଭକ୍ତିର ସ୍ରୋତରେ ଭାସୁଛି ଧର୍ମନଗରୀ। କାଉଡିଆଙ୍କ ପ୍ରବଳ ଭିଡ଼ ଏବେ ସବୁ ରେକର୍ଡ ଭାଙ୍ଗିବା ଦିଗରେ। ଦିଲ୍ଲୀ, ଉତର ପ୍ରଦେଶ, ହରିୟାଣା, ପଞ୍ଜାବ, ରାଜସ୍ଥାନ ସମେତ ବିଭିନ୍ନ ରାଜ୍ୟରୁ ଲକ୍ଷ ଲକ୍ଷ ଶିବଭକ୍ତ ହରିଦ୍ୱାରରେ ପହଚୁଂଛନ୍ତି। କାଉଡ଼ିଆଙ୍କ ସମୁଦାୟ ସଂଖ୍ୟା ପ୍ରାୟ ୪ କୋଟି ଛୁଇଁଥିବା ବେଳେ, ଗତ ୨୪ ଘଟାଂରେ ୭୫ ଲକ୍ଷରୁ ଅଧିକ ଭକ୍ତ ଗଙ୍ଗାଜଳ ନେଇ ନିଜ ଗନ୍ତବ୍ୟ ଅଭିମୁଖେ ବାହାରିଛନ୍ତି । ଏପଟେ ଭକ୍ତଙ୍କ ସହ ଗାଡ଼ି ଓ ବାଇକ୍‌ର ସଂଖ୍ୟା ବଢ଼ିବାରୁ ବୈରାଗୀ କ୍ୟାମ୍ପ ଭଳି ବଡ଼ ପାର୍କିଂ ସ୍ଥଳଗୁଡ଼ିକ ପ୍ରାୟ ପୂର୍ଣ୍ଣ ହୋଇଯାଇଛି । ଫଳରେ ହରିଦ୍ୱାରରୁ ଲକ୍ସର ରୋଡ୍ ପର୍ଯ୍ୟନ୍ତ ଟ୍ରାଫିକ୍ ଚାପ ବଢ଼ିଛି। ପ୍ରବଳ ଭିଡ଼କୁ ନିୟନ୍ତ୍ରଣ କରିବା ସହ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ମଧ୍ୟ ହାଇ ଆଲର୍ଟରେ ରହିଛି।




କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# କୁଷ୍ଠ ରୋଗ ମୁକ୍ତ କେନ୍ଦୁଝର, ୩.୦୯ ଲକ୍ଷ ଲୋକନକ ହେବ ସ୍କ୍ରିନିଙ୍ଗ



କେନ୍ଦୁଝର,୧୦/୮(ନି/ପ୍ର):"କେନ୍ଦୁଝର-କୁଷ୍ଠ ମୁକ୍ତ ଓଡିଶା" ଗଠନ ଲକ୍ଷରେ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କେନ୍ଦୁଝର ଜିଲ୍ଲାର କୁଷ୍ଠ ରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଆସନ୍ତା ୧୭ ଅଗଷ୍ଟ ରୁ ୩୧ ଅଗଷ୍ଟ ତାରିଖ ଯାଏ ଚାଲିବ । ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ୨ ଟି ବ୍ଲକ (ସାହାରପଡା ଓ ପାଟଣା ବ୍ଲକ) ଗୋଟିଏ ସହରାଂଚଳ (ବଡ଼ବିଲ) ରେ ପାଖାପାଖି ୩ ଲକ୍ଷ ୯ ହଜାର ଲୋକଙ୍କ ଘରକୁ ଘର ଯାଇ ଲୋକଙ୍କ ଶରୀର ରେ ଲକ୍ଷଣକୁ ଦେଖାଯିବ । ମିନି କନଫରେନ୍ସ ହଲ କଲେକ୍ଟରେଟରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜିଲ୍ଲାର ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଧନେଶ୍ୱର ସେଠି, ଉପ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପୁରୁଷତମ ମହାନ୍ତ, ଏଡିପିଏଚଓ (କୁଷ୍ଠ ରୋଗ) ଡ଼ଃ ବସନ୍ତ କୁମାର ପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବଡ଼ବିଲ ଡ଼ଃ ସୌଭାଗ୍ୟ ରଞ୍ଜନ ସାମଲ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସାହାରପଡା ଡ଼ଃ ମନୋରଞ୍ଜନ ଜେନା, ଡ଼ିପିଏମ ଡଃ ନିତ୍ୟରଞ୍ଜନ ବରାଳ, ଜିଲ୍ଲା କୁଷ୍ଠ ରୋଗ ପରାମର୍ଶ ଦାନା ଡ଼ଃ ଶୋଭନକୁମାର ସାହୁ, ଏପିଡେମିଅଲଜିଷ୍ଟ ଡ଼ଃ ବିଷ୍ଣୁ ମାଝି, ଡିଆଇପିଆରଓ ସାର୍ଥକ ରାୟ, ଡିପିଏଚସିଓ ଭରତ କୁମାର ସାହୁ, ପ୍ରୋଜେକ୍ଟ ଆସୋସିଏଟ ଲେପ୍ରା ଶୋସାଇଟି ରାଇରଙ୍ଗପୁର ପ୍ରହ୍ଲାଦ ମଙ୍ଗରାଜ ଏବଂ ରବୀନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାରେ ବର୍ତ୍ତମାନ ସୁଧା ପ୍ରାୟ ୨୧,୦୦ ଜଣ କୁଷ୍ଠ ରୋଗୀ ଚିହ୍ନଟ ହେଇଛନ୍ତି । ସେଥିରୁ ପ୍ରାୟ ୧୯୫୦ ଜଣ ଆରୋଗ୍ୟ ହୋଇଛନ୍ତି । ବଳକା ୧୫୦ ଜଣ ରୋଗୀ ଔଷଧ ସେବନ କରୁଛନ୍ତି । ଏହି ଅଭିଯାନ ସଫଳ କରିବା ପାଇଁ ୩୧୦ ଜଣ ଆଶା କର୍ମୀ, ୫୫ ଜଣ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ କର୍ମୀ ସହ ସ୍ୱାସ୍ଥ୍ୟ ପରିଦର୍ଶକ, ୧୨ ଜଣ ଏମବିବିଏସ ଏବଂ ୮ ଜଣ ଆୟୁସ ଡାକ୍ତର ନିୟଜିତ କରାଯାଇଛି । ସମସ୍ତଙ୍କୁ କୁଷ୍ଠ ରୋଗ ଚିହ୍ନଟ ଓ ପରିଚାଳନା ସମ୍ପର୍କରେ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଙ୍କ ଅନୁରୋଧ କ୍ରମେ ଲେପ୍ରା ଶୋସାଇଟି ରାଇରାଙ୍ଗପୁର ତରଫରୁ ସ୍ୱତନ୍ତ୍ର ଶିକ୍ଷା ସ୍ୱାସ୍ଥ୍ୟ ସଂଚାର ପ୍ରଦର୍ଶନି ଗାଡି ମାଧ୍ୟମରେ ପାଟଣା ଏବଂ ସାହାରପଡା ବ୍ଲକରେ ସଚେତନତା କାର୍ଯ୍ୟକ୍ରମ କରାଯିବ ଏବଂ ବଡ଼ବିଲରେ ଶାମ୍ଭ ରଥ ମାଧ୍ୟମରେ ସଚେତନତା କରିବା ପାଇଁ ନିସ୍ପତି ନିଆଯାଇଛି ।

# କେନ୍ଦୁଝର ଏନ୍.ଏସ୍. ପୋଲିସ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ୨୦୨୬



କେନ୍ଦୁଝର,୧୦/୮(ନି/ପ୍ର): ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ୨୦୨୬ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ବିଜ୍ଞାନ କାର୍ଯ୍ୟାଳୟ ପକ୍ଷରୁ ଶିକ୍ଷକମାନଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଏନ୍.ଏସ୍. ପୋଲିସ୍ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୨୫୦ରୁ ଅଧିକ ଜଣ ବିଜ୍ଞାନ ଶିକ୍ଷକ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ଏଡିଇଓ ଶ୍ରୀକାନ୍ତ ବେହେରା ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ନବସୃଜନ, ସୃଜନଶୀଳତା ଓ ସମସ୍ୟା ସମାଧାନ କୌଶଳର ବିକାଶରେ ଆଲୋକପାତ କରିଥିଲେ । ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡ଼େଇ ତାଙ୍କର ଉଦ୍‌ବୋଧନରେ ଶିକ୍ଷକମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କ ପାଇଁ ଏକ ଆଲୋଚନାତ୍ମକ ଓ ପ୍ରଶ୍ନୋତ୍ତର ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେଲା ରାଉତଙ୍କ ସହ ବିବେକାନନ୍ଦ ରାଉତ, ସାଗରିକା ସାହୁ ଓ ଅନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀମାନେ ସକ୍ରିୟ ସହଯୋଗ କରିଥିଲେ । ସେମାନଙ୍କ ସହଯୋଗରେ ସଭା ପାଇଁ ସୁଚାରୁ ଓ ଉନ୍ନତ ବ୍ୟବସ୍ଥା କରାଯାଇଥିଲା ।ପରମେଶ୍ୱର ମହାନ୍ତ ଉପସ୍ଥିତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟା ଛାଡ଼ିବା ପରେ ପୁଣି ସାଳନ୍ଦୀରେ ବନ୍ୟା ଆଶଙ୍କା, ଜଳବନ୍ଦୀ ଗାଁ, ଚିନ୍ତାରେ ଚାଷୀ

ଭଦ୍ରକ,୧୦/୮(ନି/ପ୍ର): ଭଦ୍ରକ ଜିଲ୍ଲାରେ ଗତ ବନ୍ୟାର ଭୟାବହତାରୁ ଲୋକେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ମୁକୁଳି ପାରିନଥିବା ବେଳେ ପୁଣି ସାଳନ୍ଦୀ ନଦୀରେ ଜଳସ୍ତର ବୃଦ୍ଧି ଅଂଚଳବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି । ନଦୀରେ ପୁଣି ପାଣି ବଢ଼ିବା ଯୋଗୁଁ ବିଭିନ୍ନ ଗାଁ ଜଳବନ୍ଧୀ ହେବା ସହ ଅନେକ ସ୍ଥାନରେ ରାସ୍ତାଘାଟ ଉପରେ ପାଣି ଚାଲୁଥିବା ଅଭିଯୋଗ ହୋଇଛି । ଫଳରେ ଗ୍ରାମାଂଚଳରେ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହେବା ସହ ସାଧାରଣ ଲୋକଙ୍କ ମନରେ ପୁଣି ବନ୍ୟା ଭୟ ସୃଷ୍ଟି ହୋଇଛି । ଏ ସମ୍ପର୍କରେ କଟସାହିର ପୂର୍ବତନ ସରପଂଚ ତଥା ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ରଘୁନାଥ ଲେଙ୍କା ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି, ଗତ ବନ୍ୟାରେ ଅଂଚଳର ଲୋକେ ବହୁ କ୍ଷତି ସହିଛନ୍ତି । ବନ୍ୟା ପାଣି ଧୀରେ ଧୀରେ ଛାଡ଼ିବା ପରେ ଲୋକେ ସ୍ୱାଭାବିକ ଜୀବନକୁ ଫେରିବା ନେଇ ଆଶା କରିଥିଲେ । ବିଶେଷକରି ଚାଷୀମାନେ ବନ୍ୟାରେ କ୍ଷତିଗ୍ରସ୍ତ ଚାଷଜମିକୁ ପୁଣି ସଜାଡ଼ି ଅବଶିଷ୍ଟ ସମୟରେ ଚାଷ କରି କିଛି ଆୟ କରିବା ନେଇ ଆଶା ବାନ୍ଧିଥିଲେ । ହେଲେ ପୁଣି ସାଳନ୍ଦୀରେ ପାଣି ବଢ଼ିବା ଯୋଗୁଁ ସେହି ଆଶା ମଧ୍ୟ ମଉଳିବାକୁ ବସିଛି । ଗତ ବନ୍ୟାରେ ଅନେକ ଚାଷଜମି ଜଳମଗ୍ନ ହୋଇଥିଲା । ବହୁ ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀମାନେ ବ୍ୟାପକ ଆର୍ଥିକ କ୍ଷତି ସହିଥିଲେ । ବନ୍ୟା ପାଣି ଛାଡ଼ିବା ପରେ ଜମିରୁ ପାଣି ନିଷ୍କାସିତ ହୋଇ ଚାଷ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ଚାଷୀମାନେ ଆଶା ରଖିଥିଲେ । କିନ୍ତୁ ପୁଣି ଜମିରେ ପାଣି ପଶିବା ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି । ଚାଷୀଙ୍କ କହିବା ଅନୁଯାୟୀ, ଲଗାତାର ଜଳମଗ୍ନ ରହିଲେ ଜମି ପ୍ରସ୍ତୁତ କରିବା ଓ ନୂଆ କରି ଚାଷ କରିବା କଷ୍ଟକର ହୋଇପଡ଼ିବ । ଫଳରେ ଚଳିତ ବର୍ଷ ଆଉ ଚାଷ କରିବାର ସୁଯୋଗ ମିଳିବ କି ନାହିଁ, ସେନେଇ ଚାଷୀକୁଳ ମଧ୍ୟରେ ଗଭୀର ନିରାଶା ଦେଖାଦେଇଛି । ଚାଷ ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ପାଇଁ ଏହା ଏକ ବଡ଼ ଆର୍ଥିକ ସଙ୍କଟର କାରଣ ହୋଇପାରେ । କେବଳ ଚାଷୀ ନୁହନ୍ତି, ପୁଣି ବନ୍ୟା ହେଲେ ଗ୍ରାମାଂଚଳର ସାଧାରଣ ଲୋକମାନେ ମଧ୍ୟ ଏହାର ପ୍ରଭାବରେ ପଡ଼ିବେ । ରାସ୍ତାଘାଟ ଜଳମଗ୍ନ ହେଲେ ଯାତାୟାତ ବ୍ୟବସ୍ଥା ବାଧାପ୍ରାପ୍ତ ହେବା ସହ ଦୈନନ୍ଦିନ ଜୀବନଯାପନ ମଧ୍ୟ ପ୍ରଭାବିତ ହେବ । ଗରିବ, ଦିନମଜୁରିଆ ଓ ଚାଷ ଉପରେ ନିର୍ଭରଶୀଳ ପରିବାରଗୁଡ଼ିକ ଏଭଳି ପରିସ୍ଥିତିରେ ସବୁଠାରୁ ଅଧିକ ଅସୁବିଧାରେ ପଡ଼ିବାର ଆଶଙ୍କା ରହିଛି । ରଘୁନାଥ ଲେଙ୍କା କହିଛନ୍ତି ଯେ, ବନ୍ୟା ପରିସ୍ଥିତି ଯଦି ପୁଣି ଗମ୍ଭୀର ରୂପ ନିଏ, ତେବେ ଏହା ଏକ ବଡ଼ ବିପର୍ଯ୍ୟୟର ରୂପ ନେଇପାରେ ।

# ଅନୁଗୋଳ ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଅଭିଯାନ

## ସକ୍ରିୟ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନର ଆହ୍ୱାନ



ଅନୁଗୋଳ, ୧୦/୮(ନି/ପ୍ର): ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ପରମ୍ପରାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଅନୁଗୋଳ ଜିଲ୍ଲାରେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ବ୍ୟାପକ ଭାବେ ପାଳନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି । ଜିଲ୍ଲାସ୍ତରରେ ଯୁବବର୍ଗ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକଙ୍କୁ ସାମିଲ କରି ବିଶାଳ ତ୍ରିରଙ୍ଗା ରାଲି, ବାଇକ୍, ସାଇକେଲ୍ ରାଲି ଆୟୋଜନ କରାଯିବ । ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ତ୍ରିରଙ୍ଗା ଓ 'ବନ୍ଦେ ମାତରମ୍' ଆଧାରିତ ପ୍ରଦର୍ଶନୀ, ଦେଶଭକ୍ତିମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସଚେତନତା ସଭା ଅନୁଷ୍ଠିତ ହେବ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଓ ଦାୟିତ୍ୱବୋଧ ସୃଷ୍ଟି କରିବା ପାଇଁ ତ୍ରିରଙ୍ଗା ଆଧାରିତ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯିବ । ଅଗଷ୍ଟ ୧ ତାରିଖରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଗଚ୍ଛଏକ୍ସଙ୍ଗ ପୋର୍ଟାଲରେ ଆୟୋଜିତ ଅନଲାଇନ୍ କୁଇଜ୍‌ରେ ଅଧିକରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ପରାମର୍ଶ ଦିଆଯାଇଛି । ସାଧାରଣ ନାଗରିକଙ୍କୁ ନିଜ ନିଜ ଘରେ ଜାତୀୟ ପତାକା ଉତୋଳନ କରିବା ସହ 'ଝରକ୍ଷଲସର ଙ୍ଗସସ୍ପ୍ରଷ ଞ୍ଜକ୍ସସକ୍ସବଭଶବ' ବାର୍ତ୍ତା ନେଇ ଏହି ଅଭିଯାନରେ ଯୋଗଦେବାକୁ ଆହ୍ୱାନ କରାଯାଇଛି । ଜିଲ୍ଲାର ସମସ୍ତ ନାଗରିକ, ଛାତ୍ରଛାତ୍ରୀ, ଯୁବବର୍ଗ, ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଓ ସାମାଜିକ-ସାଂସ୍କୃତିକ ସଂଗଠନଗୁଡ଼ିକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ଜାତୀୟ ପର୍ବରେ ସାମିଲ ହୋଇ ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଉଛି ।

# ଚରଣ ଦାସ ଥିଲେ ଜଣେ ନୀତିନିଷ୍ଠ ବ୍ୟକ୍ତି

ଭଦ୍ରକ,୧୦/୮(ନି/ପ୍ର):ଏହି ଜିଲାର ଚାନ୍ଦବାଲିର ବିଶିଷ୍ଟ ସମାଜସେବୀ ତଥା ଚାନ୍ଦବାଲି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଚରଣ ଦାସଙ୍କ ଏକାଦଶାହ ତିଥିରେ ବିଜୁ ସ୍ମୃତି ଭବନ ପରିସରରେ ସ୍ମୃତି ଚାରଣ ସଭା ତ୍ରିଲୋଚନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଏଥିରେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବିଜେପି ନେତା ପୂର୍ଣ୍ଣ ଚନ୍ଦ୍ର ପାଣି,ବ୍ଲକ କଂଗ୍ରେସ ସଭାପତି ଶୁଭାଶିଷ ମଲ୍ଲିକ, ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ,କଂଗ୍ରେସ ନେତା ଦ୍ୱିଗମ୍ବର ଦାସ,ମନୋଜ କୁମାର ବିଶ୍ୱାଳ, ଶିକ୍ଷାବିତ ଅମୁଲ୍ୟ କୁମାର ରାଉତ,ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ବ୍ରଜସୁନ୍ଦର ମହାନ୍ତି, ସତ୍ୟାନନ୍ଦ ରାଉତ,ପ୍ରଫୁଲ୍ଲ ସାହୁ, ପ୍ରଭାସ ଶୁଭଦର୍ଶନ ମହାନ୍ତି,ପ୍ରଭାସ ନାୟକ,ପ୍ରଶାନ୍ତ ଦାଶ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ମାନେ ଯୋଗ ଦେଇ ସମାଜସେବୀ ଚରଣ ଦାସଙ୍କ ଦୀର୍ଘ ଅର୍ଦ୍ଧଶତାବ୍ଦୀର ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ ଜଣେ ନୀତି ନିଷ୍ଠ ବ୍ୟକ୍ତି ଥିଲେ ବୋଲି ମତ ବ୍ୟକ୍ତ କରିଥିଲେ ।

# ଚାଷୀଙ୍କ କ୍ଷୟକ୍ଷତି ଭରଣା ସହିତ କୃଷିଋଣ ଛାଡ଼ କରିବାକୁ ଦାବି କଲେ ବରୀ ବିଧାୟକ



ବରୀ,୧୦/୮(ନି/ପ୍ର): ବରୀ ଅଞ୍ଚଳରେ ଚଳିତ ବନ୍ୟାରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଚାଷୀ । ଦୀର୍ଘ ଧରି ଲଗାଣ ବର୍ଷା ପରେ ଗତ ୩୦ ତାରିଖରେ ପ୍ରଳୟଙ୍କାରୀ ବନ୍ୟାରେ ୨/୩ ସପ୍ତାହ ଧରି ଚାଷକ୍ଷେତ ପାଣିବୁଡ଼ି ରହିବା ଫଳରେ ସଂପୂର୍ଣ୍ଣ ଭାବେ କ୍ଷେତରେ ଥିବା ଧାନ ଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ପଚିସଢି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଚାଷୀକୁଳର ଅଟାଂ ଭାଙ୍ଗିଯାଇଛି । ବର୍ଷକର ଆହର ଲଗାଣ ବର୍ଷା ଓ ବନ୍ୟା ଚାଷୀପୁଅ ହାତରୁ ଛଡାଇ ନେଇଛି । ଏଣୁ ତୁରନ୍ତ ସରକାର ଚାଷୀଙ୍କ କ୍ଷୟକ୍ଷତିକୁ ସଠିକ୍ ଭାବେ ଆକଳନ କରି ସହାୟତା ଯୋଗାଇ ଦେବା ସହିତ କୃଷି ଋଣ ସଂପୂର୍ଣ୍ଣ ଛାଡ଼ କରିବାକୁ ଦାବି କରିଛନ୍ତି ବରୀ ବିଧାୟକ ବିଶ୍ୱରଂଜନ ମଲ୍ଲିକ । ରବିବାର ଅପରାହ୍ନରେ ବରୀ ବଜାରସ୍ଥିତ ଜଳସଂପଦ ଡାକ ବଙ୍ଗଳାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବନ୍ୟା ମୁକାବିଲାରେ ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଛି । ସଠିକ୍ ଭାବେ ପୂର୍ବ ପ୍ରସ୍ତୁତ ରେ ରହି ନଦୀବନ୍ଧର ମରାମତି କରିଥିଲେ ଏପରି ଘାଇ ସୃଷ୍ଟି ହୋଇ ନଥାନ୍ତା କି ବନ୍ୟାର ସ୍ଥିତି ଏପରି ସଂଗୀନ ହୋଇ ନଥାନ୍ତା । ତେବେ ବନ୍ୟା ପରେ ମଧ୍ୟ ବିପନ୍ନଙ୍କ ପାଖରେ ସଠିକ୍ ସମୟରେ ପ୍ରଶାସନ ସହାୟତା ପହଚାଂଇବାରେ ବିଫଳ ହୋଇଛି । ପୂର୍ବ ପ୍ରସ୍ତୁତି ନଥିବାରୁ ବିପନ୍ନଙ୍କ ପାଖରେ ଶୁଖିଲା ଖାଦ୍ୟ ମଧ୍ୟ ପହଚାଂଇବାରେ ବିଳମ୍ବ ହୋଇଛି । ତେବେ ଯାହାହେଉ ଏବେ ଚାଷୀଙ୍କ କ୍ଷୟକ୍ଷତିର ଆକଳନ, ବନ୍ୟାରେ କ୍ଷତିଗ୍ରସ୍ତ ଘରର ସଠିକ୍ ଯାଚଂ ସହିତ ବ୍ଲକର ୨୯ ଟି ପଚାଂୟତର ବିପନ୍ନଙ୍କ ପାଖରେ ସମସ୍ତ ସରକାରୀ ସହାୟତା ଯଥା ଚାଷୀର ଚାଷର କ୍ଷୟକ୍ଷତି ଭରଣା, କ୍ଷତିଗ୍ରସ୍ତ ଘର ଗୁଡ଼ିକର ସଠିକ୍ ଯାଚଂ କରି ସହାୟତା ପ୍ରଦାନ ସହିତ ଆସନ୍ତା ୭ଦିନ ମଧ୍ୟରେ ଏସମସ୍ତ ସହାୟତା ପାଇଁ ଚିହ୍ନଟ ପ୍ରକ୍ରିୟା ଶେଷ କରିବା ସହିତ ସଂପୂର୍ଣ୍ଣ କୃଷି ଋଣ ଛାଡ଼ ପାଇଁ ଘୋଷଣା କରାନଗଲେ ସେ ତାଙ୍କ ସମସର୍ଥକମାନଙ୍କୁ ନେଇ ବରୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣାରେ ବସିବେ ବୋଲି ଆଜିର ସାମ୍ବାଦିକ ସମ୍ମିଳନିରେ ଘୋଷଣା କରିଛନ୍ତି ବିଧାୟକ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ସମିତି ଉପାଧକ୍ଷା ଅର୍ଚ୍ଚନା ମଲ୍ଲିକ, ଜିଲ୍ଲାପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସନ୍ତୋଷ ସାମଲ, ଦିଲ୍ଲୀପ୍ କୁମାର ମହାନ୍ତି, ସରପଚଂ ସଂଘ ସଭାପତି ପ୍ରସନ୍ନ ସାମଲ ଓ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତିଙ୍କୁ ଅବସର ସମ୍ବର୍ଦ୍ଧନା

ଭଦ୍ରକ, ୧୦/୮(ନି/ପ୍ର): ଭଦ୍ରକ ଜିଲ୍ଲା ବନ୍ତ ବରିଷ୍ଠ ନାଗରିକ ମଂଚ ପକ୍ଷରୁ ମାଳତିରା ଠାରେ ଘଟଗାଁ ବ୍ଲକ ଝାରବେଡା ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସେବା ନିବୃତ ଶିକ୍ଷକ ସୁଧାଂଶୁ ଶେଖର ମହାନ୍ତିଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି । ବିଶିଷ୍ଟ ସମାଜସେବୀ ସେକ୍ ଜଲ୍ଲାଲୁଦିନ୍ ସଭାକୁ ଅଧ୍ୟକ୍ଷତା କରିଥିବା ବେଳେ ଶାଳବଣୀ କଲେଜର ଅଧ୍ୟାପକ ନରହରି ଜେନା ମଂଚ ସଚାଂଳନ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ତଥା ବିଜେପି ନେତା ଡ. ସୁଧାଂଶୁ ଶେଖର ନାୟକ କହିଲେ,ଶ୍ରୀ ମହାନ୍ତି ଜଣେ ଆଦର୍ଶବାନ ଶିକ୍ଷକ ଓ ସୁସଂଗଠକ ଥିବା ବେଳେ ଗ୍ରାମର ବହୁବିଧ ଉନ୍ନତି ତାଙ୍କ ଦ୍ୱାରା ହୋଇ ପାରିଛି । ସରକାରୀ ଚାକିରୀରୁ ଅବସର ପରେ ବାକି ତକ ସମୟ ସମାଜ ସେବାରେ ଲଗାଇବା ନେଇ ଆଶାବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ନାରାୟଣ ଚନ୍ଦ୍ର ଲେଙ୍କା ଦୃଢ ସଂକଳ୍ପ ନେଇ ସୁଧାଂଶୁ ସାର କାମ କରନ୍ତି ବୋଲି କହି ତାଙ୍କର ବାକିତକ ସମୟ କର୍ମ ଚଂଚଳ ରହୁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜୟ କୁମାର ପୃଷ୍ଟି, ଶିକ୍ଷାବିତ୍ ରମାକାନ୍ତ ଜେନା, ବନ୍ତ ସମିତି ସଭ୍ୟ ପରମେଶ୍ୱର ବାରିକ, ପୂର୍ବତନ ସରପଚଂ ମୁସ୍ତାକ ଅଲ୍ଲୀ ଖାଁ, ସମାଜସେବୀ ସୁବାଷ ଦାସ, ଟାଟା ଷ୍ଟିଲ୍ ଜୋଡାର ସାଧାରଣ ସମ୍ପାଦକ ଇଂ.ସୁମନ୍ତ ମହାନ୍ତି, ପୂର୍ବତନ ସରପଚଂ ଅଜୟ ବେହେରା, ସମିମ ନବାଜ ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବନ୍ତ ବରିଷ୍ଠ ନାଗରିକ ମଂଚ, ଗ୍ରାମବାସୀ ଓ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

# ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

ଭଦ୍ରକ,୧୦/୮(ନି/ପ୍ର): ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୁଆ ବଜାର, ଭଦ୍ରକ ଗାନ୍ଧି ପଡ଼ିଆ ସ୍ଥିତ ବିଦ୍ୟାଳୟରେ ଷଡ଼ବିଂଶ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ଼ ଲକ୍ଷ୍ମୀକାନ୍ତ ନାୟକ (ରସାୟନ ବିଜ୍ଞାନ ବିଭାଗ) ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ ଯୋଗ ଦେଇ ଜ୍ଞାନ ବିଜ୍ଞାନ ମେଳାର ମହତ୍ୱ ଏବଂ ଉଦ୍ଦେଶ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ । ଉକ୍ତ ଉତ୍ସବରେ ପରିଚାଳନା ସମିତିର ସଭାପତି ବ୍ରଜକିଶୋର ବଳ, ଉପସଭାପତି ଅମ୍ବିକା ବଲ୍ଲଭ ସ୍ୱାଇଁ, ସଦସ୍ୟା ରୀନାରାଣୀ ଜେନା ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ଉପସ୍ଥିତ ରହି ଉଦ୍ ଘାଟନ କରିଥିଲେ । ଶେଷରେ ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ମୃତ୍ୟୁଞ୍ଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ମେଳାରେ ନିବନ୍ଧ ଲିଖନ, ମୂର୍ତ୍ତି କଳା ପ୍ରଦର୍ଶନୀ, ନୃତ୍ୟକଳା ପ୍ରଦର୍ଶନୀ, ଶିଶୁ ବର୍ଗ, ବାଲ୍ ବର୍ଗ, କିଶୋର ବର୍ଗ ଆଦି ବିଭିନ୍ନ ବିଭାଗରେ ବିଜ୍ଞାନ ପ୍ରକଳ୍ପ , ବିଜ୍ଞାନ ପ୍ରଶ୍ନମଂଚ, ବିଜ୍ଞାନ ପତ୍ରବାଚନ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରକଳ୍ପ, ବୈଦିକ ଗଣିତ ପ୍ରଶ୍ନମଂଚ, ଗଣିତ ପ୍ରୟୋଗ, ଗଣିତ ପତ୍ରବାଚନ, ସଂସ୍କୃତି ଜ୍ଞାନ, ପତ୍ରବାଚନ ଆଦି ଆୟୋଜନ କରାଯାଇଥିଲା । ମୋଟ ୬୩୯ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ମେଳାରେ ଭାଗ ନେଇଥିଲେ । ୧୦୦ ଟି ବିଜ୍ଞାନ ପ୍ରକଳ୍ପର ପ୍ରଦର୍ଶନ କରାଯାଇଥିଲା । ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଲକ୍ଷ୍ମୀଧର ଦାଶ, ପଦାର୍ଥ ବିଜ୍ଞାନର ବିଭାଗ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପାଳସାହି, ଭଦ୍ରକ ଯୋଗଦେଇ ଶିଶୁବିଜ୍ଞାନୀମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ବିଦ୍ୟାଳୟର ସଂପାଦକ ବିଭୁଚନ୍ଦନ ଜେନା, କୋଷାଧ୍ୟକ୍ଷ ବସନ୍ତ କୁମାର ମହାନ୍ତି ଏବଂ ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ଉପସ୍ଥିତ ରହିଥିଲେ । ଶିଶୁ ବିଜ୍ଞାନୀ ସୃଷ୍ଟି ସୃଜନୀ ବେହେରା ଜ୍ଞାନବିଜ୍ଞାନର ମେଳାର ଅନୁଭୂତି କଥନ ରଖିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ କାଳୀକିଙ୍କର ନାୟକ ବୃତିକଥନ କରିଥିଲେ । ମୁଖ୍ୟଅତିଥି ପିଲାମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଶେଷରେ ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ଅନିରୁଦ୍ଧ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲା ଅଦାଲତରେ ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ନେଇ ଦିନିକିଆ କର୍ମଶାଳା

ଭୁବନେଶ୍ୱର, ୧୦/୮(ନି/ପ୍ର): ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଏବଂ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି । ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆପଣମାନେ ହେଉଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ତଥା ନ୍ୟାୟପାଳିକାର ଗୋଟିଏ ଗୋଟିଏ ଅଂଶସ୍ୱରୂପ । ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହିତ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ । ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତାର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, ଏଭିଡେନ୍ସ , କ୍ରସ୍ ଏକଗଜାମିନେସନ୍ ଏବଂ ଓରାଲ ଆର୍ଗୁମେଂଟର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହିତ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ପିତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନି ମାମଲା ପରିଚାଳନା ଉପରେ ନିଜର ମତ ରଖିଥିଲେ । ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେବା ସହ ଆଇନ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ, ଆଇନଜୀବୀଙ୍କ ଲାଗି ହୋଇଥିବା କଲ୍ୟାଣକାରୀ ଯୋଜନା ଏବଂ କର୍ମଶାଳାର ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ଏଥି ସହିତ ପୁରାଣବର୍ଣ୍ଣିତ ଗାଥାକୁ ଉଦ୍ଧୃତ କରି ଯୁଗେ ଯୁଗେ ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ ସଂସାରରେ ସବୁଠାରୁ ବଡ଼ ଧର୍ମ ବୋଲି କହିଥିଲେ । ଆଜିର କର୍ମଶାଳାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଶ୍ରୀ ଜଷ୍ଟିସ୍ ଦେବବ୍ରତ ଦାସ, ଆପିଲସ୍ ଆଣ୍ଡ ରିସେଂଟ ଜୁଡିସିଆଲ ଡେଭଲପମେଂଟସ୍ ଉପରେ ନିଜର ଅଭିଭାଷଣ ରଖିଥିବାବେଳେ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ଶ୍ରୀ ଜଷ୍ଟିସ୍ ଆନନ୍ଦ ଚରଣ ବେହେରା ଡ୍ରାଫ୍ଟିଂ ଆଣ୍ଡ କେସ୍ ମ୍ୟାନେଜମେଂଟ ଉପରେ ନିଜର ବକ୍ତବ୍ୟ ରଖିଥିଲେ ।

ଉତ୍କଳ ସମାଚାର

## ସମ୍ପାଦକୀୟ...

**ମଙ୍ଗଳବାର ୧୧ ଅଗଷ୍ଟ ୨୦୨୬**

# ମାନସିକ ବିକୃତି କେତେ ପ୍ରକାର ?

ବିଭାଗୀକରଣ ବୈଜ୍ଞାନିକ ଅନୁଧ୍ୟାନର ଏକ ଅବିଚ୍ଛେଦ୍ୟ ଅଂଶ । ରସାୟନ ଶାସ୍ତ୍ରର ବିକାଶ କାଳରେ ମେଣ୍ଡେଲିଫ୍ ମୌଳିକ ବସ୍ତୁସବୁର ଏକ ବିଭାଗୀକରଣ (ପିରିୟଡିକ ଟେବୁଲ୍) ପ୍ରଦାନ କରି ଚମକ ସୃଷ୍ଟି କରିଥିଲେ । ସେହିପରି ଜୀବବିଜ୍ଞାନୀମାନେ ବୃକ୍ଷଲତା ଓ ଜୀବଜନ୍ତୁଙ୍କ ବିଭାଗୀକରଣ କରି ବିଜ୍ଞାନର ଅଗ୍ରଗତିକୁ ସାକାର ରୂପ ଦେଇଛନ୍ତି । ବିଭାଗୀକରଣ ସଂଜ୍ଞାକୁ ସ୍ୱଷ୍ଟ ରୂପରେଖ ଦିଏ । ଜଣେ ବ୍ୟକ୍ତି ଆମ୍ବ ଖାଇଛି କହିବାମାତ୍ରେ ଆମ୍ଭେମାନେ ଦୃଶ୍ୟଟି ଦେଖିନଥିଲେ ମଧ୍ୟ ଫଳଟି କେଉଁ ଶ୍ରେଣୀର ଜାଣିପାରୁଥିଲେ ବ୍ୟକ୍ତିର ଅନୁଭବ ଆକଳନ କରିବା ସହଜ ହୁଏ । ମାନସିକ ସ୍ତରରେ ଛବି ଅଙ୍କନ କରିବା ସମ୍ଭବ ହୁଏ । ମାନସିକ ବିକୃତିର ଅଧ୍ୟୟନ କ୍ଷେତ୍ରରେ ମଧ୍ୟ ବିଭାଗୀକରଣର ଗୁରୁତ୍ୱ ସ୍ୱୀକାର କରାଯାଇଛି । ଔପଚାରିକ ବିଭାଗୀକରଣର ସୂଚନା ଦେବା ପୂର୍ବର ଗୋଟିଏ ସାଧାରଣ ଧାରଣା ଦିଆଯାଇପାରେ । ମୋଟାମୋଟି ଭାବରେ ଦେଖିବାକୁ ଗଲେ ମାନସିକ ବିକୃତି ସାଧାରଣତଃ ଦୁଇ ପ୍ରକାର । ଗୋଟିଏ ହେଉଛି ପରିମାଣାତ୍ମକ ଓ ଅନ୍ୟଟି ହେଉଛି ଗୁଣାତ୍ମକ । ପରିମାଣାତ୍ମକ କହିବାର ତାତ୍ପର୍ଯ୍ୟ ହେଉଛି ଯେ, ଏ ସମସ୍ୟାଟି ସମସ୍ତଙ୍କର ଥାଏ, ମାତ୍ର ବିକୃତିସମ୍ପନ୍ନ ଲୋକଙ୍କଠାରେ ମାତ୍ରାଧିକ ପରିମାଣରେ ଥାଏ । ଏହାକୁ ନ୍ୟୁରୋସିସ୍ ବା ଆଡ଼ପାଗଳାମି କୁହାଯାଏ । ଉଦ୍‌ବେଗ ବା ଆନ୍‌ଜାଏଟୀ ସମସ୍ତଙ୍କର ଥାଏ । ଅଳ୍ପ ପରିମାଣର ଉଦ୍‌ବେଗ ବା ଉତ୍କଣ୍ଠା ଆମକୁ ସହାୟତା ଦିଏ । ଅଳ୍ପ ପରିମାଣର ଉଦ୍‌ବେଗ ନଥିଲେ ଜଣେ ଛାତ୍ର ବା ଛାତ୍ରୀ ପାଠ୍ୟବିଷୟ ପ୍ରତି ଧ୍ୟାନଶୀଳ ହୋଇପାରିବ ନାହିଁ । କର୍ମସଂସ୍ଥାର ଜଣେ କର୍ମଚାରୀ ପୂରାପୂରି ଉଦ୍‌ବେଗବିହୀନ ହେଲେ କାର୍ଯ୍ୟରେ ଅବହେଳା କରିପାରନ୍ତି । ଜଣେ ଗୃହିଣୀଙ୍କର ଉଦ୍‌ବେଗ ନଥିଲେ ସେ ହୁଏତ ଯତ୍ନର ସହିତ ଖାଦ୍ୟ ପ୍ରସ୍ତୁତ କରିପାରିବେ ନାହିଁ । କିନ୍ତୁ ମାତ୍ରାଧିକ ଉଦ୍ ?ବେଗ ନିଶ୍ଚିତଭାବରେ କ୍ଷତିକାରକ । ମାତ୍ରାଧିକ ଉଦ୍‌ବେଗର ଶରବ୍ୟ ହୋଇ ଛାତ୍ର ବା ଛାତ୍ରୀ ସଂଖ୍ୟାଧିକ ତ୍ରୁଟି ଦର୍ଶାଇବ । ଏହାର ଆଧିକ୍ୟ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଶୃଙ୍ଖଳା ସୃଷ୍ଟି କରିବ । ଉଦ୍ ?ବେଗ ଫଳରେ ସମନ୍ୱୟଶୀଳତାର ଅଭାବ ମାନସିକ ବିକୃତି ସୃଷ୍ଟିକରିବ । ଏପରିସ୍ଥଳେ ବ୍ୟକ୍ତିକୁ ନ୍ୟୁରୋଟିକ୍ ବା ଆଡ଼ପାଗଳ କୁହାଯାଏ । ଦ୍ୱିତୀୟ ଧରଣର ବିକୃତିଟି ଅଧିକ ଜଟିଳ । ଏଥିରେ ଗୁଣାତ୍ମକ ବିପର୍ଯ୍ୟୟ ଘଟେ । ଏହାର ଅର୍ଥ ହେଉଛି ଯେ, ସମାଜରେ ଜୀବନଧାରଣ କରୁଥିବା ଲୋକମାନେ ଯେପରି ସ୍ୱାଭାବିକ ଭାବରେ ଜୀବନ କାଟନ୍ତି ଏବଂ ସାମାଜିକ ସଂପର୍କ ରକ୍ଷାକରନ୍ତି, ଏମାନଙ୍କର ଏପରି ଦକ୍ଷତା ନଥାଏ । କୌଣସି ଶବ୍ଦ ନଥାଇ ଏମାନେ ହୁଏତ ଶବ୍ଦ ଶୁଣନ୍ତି । ବାସ୍ତବ ଜଗତର କୌଣସି ଦୃଶ୍ୟ ନଥାଇ ଦୃଶ୍ୟ ଦେଖନ୍ତି (ହାଲୁସିନେସନ୍) । ଏହି ବିଭାଗରେ ସଂଖ୍ୟାଧିକ ମାନସିକ ରୋଗ ଥିଲେ ମଧ୍ୟ ଏକ ଜଟିଳ ମାନସିକ ବିକୃତି ହେଉଛି ଶୀଜୋଫ୍ରେନିୟା ବା ଚିନ୍ନଭ୍ରଂଶୀ ବାତୁଳତା । ଏପରି ବାତୁଳତା ଦର୍ଶାଉଥିବା ଲୋକମାନେ ହୁଏତ ଅଯଥାରେ କଳ୍ପନା କରନ୍ତି ଯେ, ଅନ୍ୟମାନେ ତାଙ୍କ ବିରୁଦ୍ଧରେ ଚକ୍ରାନ୍ତ କରୁଛନ୍ତି, ଏପରିକି ହତ୍ୟା କରିବାର ଯୋଜନା କରୁଛନ୍ତି । ସ୍ଥୂଳତଃ ବାସ୍ତବ ଜଗତକୁ ବିଚାର କରିବା, ମୂଲ୍ୟାୟନ କରିବାର ସାମର୍ଥ୍ୟ ନଥାଏ । ଲକ୍ଷ୍ୟ କରିବାର କଥା ଯେ, ଏପରି ମାନସିକ ବିକୃତି ଏକ ଗୁଣାତ୍ମକ ଭିନ୍ନତା । ମନସ୍ତାତ୍ତ୍ୱିକ ପରିଭାଷାରେ ଏହାକୁ ବାତୁଳତା ବା ସାଇକୋସିସ୍ କୁହାଯାଏ । ଏଥିରେ କବଳିତ ବ୍ୟକ୍ତିକୁ ସାଇକୋଟିକ୍ କୁହାଯାଏ । ବିକୃତିର ମୁଖ୍ୟ ଧାରା ଅନୁଯାୟୀ ଏ ଦୁଇଟି ସ୍ଥୂଳ ବିଭାଗ ହେଲେ ମଧ୍ୟ ବିକୃତିର କାରଣ ଅନୁସନ୍ଧାନ ଓ ଚିକିତ୍ସା ପାଇଁ ସୂକ୍ଷ୍ମସ୍ତରୀୟ ବିଭାଗୀକରଣ ରହିଛି । ୧୯୩୯ ମସିହାରୁ ଆରମ୍ଭକରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାନସିକ ବିକୃତିର ଚିହ୍ନଟ ଓ ବିଭାଗୀକରଣ ପାଇଁ ମାର୍ଗଦର୍ଶକ ପୁସ୍ତକ ପ୍ରସ୍ତୁତ କରିଥିଲେ ଏବଂ ଏହା ଏକାଧିକବାର ସଂଶୋଧିତ ହୋଇଛି । କିନ୍ତୁ ସମଗ୍ର ବିଶ୍ୱରେ ବହୁଳ ଭାବରେ ଯେଉଁ ମାର୍ଗଦର୍ଶକ ପୁସ୍ତକ ଅନୁସୃତ ହୁଏ, ତାହା ପ୍ରଥମେ ୧୯୫୨ ମସିହାରେ ଆମେରିକାର ମନୋଚିକିତ୍ସକ ପରିଷଦ ପ୍ରସ୍ତୁତ କରିଥିଲେ । ଏହାକୁ ଡି.ଏସ୍. ଏମ୍. କୁହାଯାଏ । ଏହା ମନୋବିଜ୍ଞାନୀମାନଙ୍କ ଦ୍ୱାରା ମଧ୍ୟ ପୂର୍ଣ୍ଣ ସମର୍ଥିତ । ବର୍ତ୍ତମାନ ବିଶ୍ୱରେ ମାର୍ଗଦର୍ଶିକା ପୁସ୍ତକ (ଡି. ଏସ୍.ଏମ୍.-୫) ଅନୁସୃତ ହୁଏ, ଏହା ୨୦୧୩ର ସଦ୍ୟତମ ସଂସ୍କରଣ । ପ୍ରଚଳିତ ସଂସ୍କରଣର ଏକ ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ମାନସିକ ବିକୃତିସମୂହକୁ କେତୋଟି ଅକ୍ଷରେ ସ୍ଥାନିତ କରାଯାଇଛି । ବ୍ୟାବହାରିକ ଭାଷାରେ ଏହାକୁ ବୃହନ୍ନର ଶ୍ରେଣୀ କୁହାଯାଇପାରେ । ଏପରି ପାଂଚଗୋଟି ବୃହନ୍ନର ଶ୍ରେଣୀର ପରିକଳ୍ପନା କରାଯାଇଛି । ପ୍ରଥମ ବିଭାଗଟି ସାଧାରଣ ଚିକିତ୍ସା ଓ ଔଷଧ ବିଜ୍ଞାନରେ ଚିହ୍ନିତ ହୋଇଥିବା ସମସ୍ୟା । ଏଗୁଡିକ ହେଉଛି ଶୀଜୋଫ୍ରେନିୟା ଚିନ୍ନଭ୍ରଂଶୀ ବାତୁଳତା, ଉଦ୍‌ବେଗ, ବିଷାଦ (ଡିପ୍ରେସନ୍) ଓ ନିଶାଜନିତ ବିକୃତି । ଦ୍ୱିତୀୟ ବିଭାଗଟି ଦୈନନ୍ଦିନ ଜୀବନ ଓ ସାଧାରଣ ଚଳଣିରେ ଅସ୍ୱାଭାବିକତା । ସମାଜବିରୋଧୀ ବ୍ୟକ୍ତିତ୍ୱ ସମେତ ଅନ୍ୟସବୁ ବ୍ୟକ୍ତିତ୍ୱସଂପର୍କିତ ବିକୃତି ଏଥିରେ ସ୍ଥାନିତ । ତୃତୀୟ ବିଭାଗଟି ମନସ୍ତାତ୍ତ୍ୱିକ ବିକୃତି ହେଲେ ମଧ୍ୟ ଏହା ମୁଖ୍ୟତଃ ଶରୀରଭିତ୍ତିକ ସମସ୍ୟା । ଚତୁର୍ଥ ବିଭାଗଟି ବିଭିନ୍ନ ଧରଣର ପରିବେଶ ସହିତ ସମ୍ପୃକ୍ତ । ବ୍ୟକ୍ତିର ପରିବାର, କର୍ମକ୍ଷେତ୍ର, ବୃତ୍ତିଗତ ଜୀବନ ଓ ଆର୍ଥିକ ଜୀବନରେ ସୃଷ୍ଟି ହେଉଥିବା ମାନସିକ ସମସ୍ୟା, ପଂଚମ ବିଭାଗଟି ବ୍ୟକ୍ତିର ସାମଗ୍ରିକ ସମନ୍ୱୟଶୀଳତାର ଅଭାବ । ବିଶ୍ୱରେ ଅନୁସୃତ ହେଉଥିବା ମାର୍ଗଦର୍ଶିକା ପୁସ୍ତକ ଅନୁଯାୟୀ ମାନସିକ ବିକୃତିସମୂହର ବିଭାଗୀକରଣ କରାଯାଇଥିଲେ ମଧ୍ୟ ପ୍ରକୃତ ଚିକିତ୍ସା କ୍ଷେତ୍ରରେ ଜଟିଳତା ପରିଦୃଷ୍ଟ ହୁଏ । କେତେକ ବିକୃତିର ସୀମାରେଖା ସୁନିର୍ଦ୍ଦିଷ୍ଟ ଓ ସ୍ୱଷ୍ଟ ନୁହେଁ । ଉଦାହରଣ ସ୍ୱରୂପ, ବିଷାଦଗ୍ରସ୍ତ (ଡିପ୍ରେସନ) ଲୋକମାନଙ୍କର ଉଦ୍‌ବେଗ (ଆନ୍‌ଜାଏଟୀ) ଥାଏ ଏବଂ ଉଦ୍‌ବେଗଗ୍ରସ୍ତ ବ୍ୟକ୍ତିଙ୍କର ବିଷାଦ ରହିଥାଏ । ଏସବୁ ଜଟିଳତା ସତ୍ତ୍ୱେ ମାନସିକ ବିକୃତିର ଚିହ୍ନଟ ଓ ଚିକିତ୍ସା କ୍ଷେତ୍ରରେ ବିଭାଗୀକରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥାଏ ।



# ଦଗ୍‌ଧୀଭୂତ ଡାକ୍ତର

ଏ ସମସ୍ୟାର ସ୍ଥାୟୀ ସମାଧାନ ସରକାରୀ କ୍ଷେତ୍ରରେ ଡାକ୍ତରୀ ଶିକ୍ଷାର ସଂପ୍ରସାରଣ ମାଧ୍ୟମରେ ଦେଶରେ ଡାକ୍ତର ଯୋଗାଣରେ ବୃଦ୍ଧି ଦ୍ୱାରା ହିଁ ସମ୍ଭବ ହେବ । କିନ୍ତୁ ସେଥିପୂର୍ବରୁ ଯୁବ ଡାକ୍ତରମାନଙ୍କୁ ଦୁର୍ବିଷହ କାର୍ଯ୍ୟବୋଝରୁ ରକ୍ଷା କରିବା ପାଇଁ ସେମାନେ ଏବେ ଦାବି କରୁଥିବା ଭଳି 'ରେସିଡେନ୍‌ସି ସ୍କିମ୍, ୧୯୯୨' ଅନୁସାରେ ତୁରନ୍ତ ଏକ ୪୮ଘଣ୍ଟିଆ କାର୍ଯ୍ୟସପ୍ତାହ ଓ ସାପ୍ତାହିକ କାର୍ଯ୍ୟ ବିରତି ନିୟମ ଲାଗୁ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ହେବ । ଚିକିତ୍ସା ସେବା କ୍ଷେତ୍ରରେ ଦିଗ୍‌ଦର୍ଶନ ପ୍ରଦାନ ନିମିତ୍ତ ବ୍ୟବହୃତ ଏକ ସୁପରିଚିତ ଲାଟିନ୍ ଉପଦେଶବାଣୀ ହେଉଛି: 'ସାଲସ୍ ଇଗ୍ରୋଟି ସୁପ୍ରିମା ଲେକ୍ସ', ଯାହାର ଅର୍ଥ ହେଉଛି- 'ରୋଗୀର ମଙ୍ଗଳସାଧନ ହେଉଛି ସର୍ବୋଚ୍ଚ ନିୟମ' । ଜଣେ ରୋଗୀର ମଙ୍ଗଳ ବିଭିନ୍ନ କାରଣ ଉପରେ ନିର୍ଭର କରିଥାଏ; କିନ୍ତୁ ଏଥିରେ ଯିଏ ମୁଖ୍ୟ ଭୂମିକା ନିର୍ବାହ କରିଥାନ୍ତି, ସିଏ ହେଉଛନ୍ତି ତା'ର ଚିକିତ୍ସକ ବା ଡାକ୍ତର । ଏହା ସ୍ୱାଭାବିକ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ଜନ୍ମ ଦେଇଥାଏ: ଚିକିତ୍ସକଙ୍କ ମଙ୍ଗଳ ବିନା ରୋଗୀର ମଙ୍ଗଳସାଧନ ସମ୍ଭବ କି ? ନିର୍ଦ୍ଦିଷ୍ଟ ଭାବରେ କହିଲେ, ଜଣେ ଅସୁସ୍ଥ କିମ୍ବା ମାନସିକ ଚାପଗ୍ରସ୍ତ ଚିକିତ୍ସକ ରୋଗୀକୁ ସର୍ବୋତମ ଚିକିତ୍ସା ପ୍ରଦାନ କରି ତା'ର ସର୍ବାଧିକ ସମ୍ଭବ ମଙ୍ଗଳସାଧନ କରିପାରିବେ କି ? ଏହାର ଏକମାତ୍ର ଉତର ସମ୍ବନ୍ଧରେ କେହିହେଲେ ଦ୍ୱିମତ ହେବାର ଅବକାଶ ନାହିଁ: ନା । ଜଣେ ଡାକ୍ତରଙ୍କର ଦକ୍ଷତାକୁ ପ୍ରଭାବିତ କରୁଥିବା ତାଙ୍କର ଏଭଳି ଅବସ୍ଥାର ବିଭିନ୍ନ କାରଣ ଥାଇପାରେ । ଏବେ ସୁପ୍ରିମ୍ କୋର୍ଟରେ ?'ନେସନାଲ୍ ମେଡିକାଲ କମିସନ୍' ('ଏନ୍‌ଏମ୍‌ସି') ଦାଖଲ କରିଥିବା ଏକ ସତ୍ୟପାଠ ପ୍ରକାଶ ପାଇବା ପରେ ଏଥିମଧ୍ୟରୁ ଯେଉଁ ଏକ କାରଣ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି, ତାହାକୁ ଏଥିମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଲେ ଅତିରଞ୍ଜନ ହେବ ନାହିଁ । ଏହା ହେଉଛି- ଡାକ୍ତରମାନଙ୍କର କାର୍ଯ୍ୟ ସମୟର ଦୀର୍ଘତା ଓ ବିଶ୍ରାମ ନେବାର ସୁଯୋଗ । ଏକ ସୁସ୍ଥ କାର୍ଯ୍ୟ ପରିବେଶ ପାଇଁ ପ୍ରାର୍ଥନା କରି କେତେଜଣ ଡାକ୍ତର ସଂଘବଦ୍ଧ ଭାବରେ ଆଗତ କରିଥିବା ଏକ ଜନସ୍ୱାର୍ଥ ମାମଲା ('ପିଆଇଏଲ୍')ର ପ୍ରତ୍ୟୁତରରେ ଦାଖଲ କରିଥିବା ତା'ର ଏଇ ସତ୍ୟପାଠରେ 'ଏନ୍‌ଏମସି' ଏହି ଉଦ୍ଦେଶ୍ୟରେ ଗଠିତ ଏକ ଟାସ୍କଫୋର୍ସ ଦ୍ୱାରା ସଂଗୃହୀତ ତଥ୍ୟ ଉପସ୍ଥାପିତ କରିଥିଲା, ଯେଉଁଥିରେ ଡାକ୍ତରମାନଙ୍କୁ ସହନ କରିବାକୁ ପଡୁଥିବା ଅସହନୀୟ ପରିସ୍ଥିତିର ଏକ ସ୍ୱଷ୍ଟ ଚିତ୍ର ଦେଖିବାକୁ ମିଳିଥିଲା । ଏହା ଅନୁସାରେ ଅଧିକାଂଶ ପୋଷ୍ଟଗ୍ରାଜୁଏଟ୍ ଡାକ୍ତରମାନଙ୍କୁ ଅନେକ ସମୟରେ କେବଳ ଯେ ୨୪ଘଣ୍ଟିଆ ଡ୍ୟୁଟି କରିବାକୁ ପଡ଼ିଥାଏ, ତାହା ନୁହେଁ, ବେଳେବେଳେ ସେମାନଙ୍କୁ ମଧ୍ୟ ନିରବଚ୍ଛିନ୍ନ ଭାବରେ ଏଇଭଳି ତିନିରୁ ପା*ଚି ପର୍ଯ୍ୟନ୍ତ ଲଗାତାର ଡ୍ୟୁଟି କରିବାକୁ ପଡ଼ିଥାଏ । 'ପିଆଇଏଲ୍' ଆଗତ କରିଥିବା 'ୟୁନାଇଟେଡ୍ ଡକ୍ଟରସ ଫ୍ରଂଟ' ନାମକ ଡାକ୍ତରମାନଙ୍କର ଏକ ସଂଗଠନର ଦାବି ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୫୦ ଜଣ ସରିକି ଡାକ୍ତର ଆତ୍ମହତ୍ୟା କରିବା ଦେଖାଯାଇଛି ଏବଂ ଏଭଳି କଠିନ କାର୍ଯ୍ୟ ପରିବେଶ ହେଉଛି ତାହାର ଏକ ମୁଖ୍ୟ କାରଣ । ସୂଚାଇବା ଅନାବଶ୍ୟକ ଯେ ଏଭଳି କର୍ମ ପରିବେଶରେ କାର୍ଯ୍ୟ କରୁଥିବା ଡାକ୍ତରମାନେ ରୋଗୀକୁ ସଂପୂର୍ଣ୍ଣ ଦକ୍ଷତାର ସହିତ ଚିକିତ୍ସା ଯୋଗାଇବା ସମ୍ଭବ ନୁହେଁ । ଏଥିରେ ସନ୍ଦେହ ନାହିଁ ଯେ ଆଧୁନିକ ଔଷଧପତ୍ର ଚମକପ୍ରଦ ଫଳ ପ୍ରଦାନ କରିଥାଏ; କିନ୍ତୁ ଏହାର ସଫଳ ପ୍ରୟୋଗ ଶେଷରେ ଚିକିତ୍ସକଙ୍କର ସୂକ୍ଷ୍ମ ବିଚାର ଶକ୍ତି ଉପରେ ନିର୍ଭର କରିଥାଏ । ପ୍ରତ୍ୟେକ ରୋଗ ନିରୂପଣ, ପ୍ରେସ୍‌କ୍ରିପ୍‌ସନ ଓ ଅସ୍ତ୍ରୋପଚାର ନିଷ୍ପତି ଡାକ୍ତରଙ୍କର ଏକାଗ୍ରତା, ସ୍ମୃତିଶକ୍ତି ଓ ଆବେଗିକ ସନ୍ତୁଳନ ଉପରେ ସଂପୂର୍ଣ୍ଣ ଭାବେ ନିର୍ଭର କରିଥାଏ । ଅବିଶ୍ରାନ୍ତ କାର୍ଯ୍ୟ ଓ ତଜ୍ଜନିତ ନିଦ୍ରାହୀନତା ସଂପୃକ୍ତ ଚିକିତ୍ସକଙ୍କର ଏଇ ସମସ୍ତ ମାନସିକ କ୍ଷମତାକୁ ଗୁରୁତର ଭାବରେ ବ୍ୟାହତ କରିଥାଏ । ଗବେଷଣା ଦ୍ୱାରା ଏହା ବାରମ୍ବାର ସାବ୍ୟସ୍ତ ହୋଇଛି ଯେ ଦୀର୍ଘକାଳୀନ ନିଦ୍ରାଭାବ ବ୍ୟକ୍ତିର ବୌଦ୍ଧିକ କ୍ରିୟାକୁ ବ୍ୟାହତ କରିବା ସଙ୍ଗେ ସଙ୍ଗେ ତା'ର ପ୍ରତିକ୍ରିୟା ସମୟକୁ ମନ୍ଥର କରିଦେଇଥାଏ, ଏକାଗ୍ରତାରେ ହ୍ରାସ ଘଟାଇଥାଏ, ବିରକ୍ତିପ୍ରବଣତାରେ ବୃଦ୍ଧି ଘଟାଇଥାଏ ଏବଂ ନିଷ୍ପତି ଗ୍ରହଣ କ୍ଷମତାକୁ ଦୁର୍ବଳ କରିଥାଏ । ଏହାକୁ ଅନେକ ସମୟରେ ମଦ୍ୟପାନଜନିତ ନିଶାଗ୍ରସ୍ତ ଅବସ୍ଥା ସହିତ ତୁଳନା କରାଯାଇଥାଏ । ଏଠାରେ ସୂଚନାଯୋଗ୍ୟ, ଯାତ୍ରୀମାନଙ୍କର ଜୀବନମରଣ ବିମାନର ପାଇଲଟ୍‌ଙ୍କ ଉପରେ ନିର୍ଭର କରୁଥିବାରୁ ବିମାନଯାତ୍ରା ବ୍ୟବସାୟରେ ସର୍ବଦା ପାଇଲଟ୍‌ଙ୍କୁ ଯଥେଷ୍ଟ ବିଶ୍ରାମ ଉପଲବ୍ଧ ହେବା ଭଳି କାର୍ଯ୍ୟଖସଡ଼ା କଡ଼ାକଡ଼ି ଭାବରେ ଅନୁସୃତ ହୋଇଥାଏ । କୌଣସି ବିମାନ କଂପାନି ତା'ର କୌଣସି ପାଇଲଟ୍‌ଙ୍କୁ ନିରବଚ୍ଛିନ୍ନ ଭାବରେ ୩୬ ଘଣ୍ଟା ବିମାନ ଚାଳନା କରିବାକୁ ଦେଇ ନ ଥାଏ । ପାଇଲଟ୍‌ଙ୍କ ଉପରେ ଯାତ୍ରୀଙ୍କର ଜୀବନମରଣ ନିର୍ଭର କରୁଥିବା ଭଳି ଡାକ୍ତରଙ୍କ ଉପରେ ରୋଗୀଙ୍କର ଜୀବନମରଣ ନିର୍ଭର କରିଥାଏ । ଏଥିସତ୍ତ୍ୱେ ଡାକ୍ତରମାନଙ୍କୁ ଥରକେ ୨୪ ଘଣ୍ଟାରୁ ୩୬ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ବାଧ କରିବା ରୋଗୀଙ୍କର ଜୀବନ ସହିତ ଖେଳିବା ଭଳି ନୁହେଁ କି ? ଭାରତର ହସ୍‌ପିଟାଲମାନଙ୍କରେ ଏବଂ ବିଶେଷ କରି ସରକାରୀ ହସ୍‌ପିଟାଲ ଓ ମେଡିକାଲ କଲେଜମାନଙ୍କରେ କିନ୍ତୁ ନିର୍ବିକାର ଭାବରେ ଏଇ ବିପଜ୍ଜନକ ବ୍ୟବସ୍ଥା ଅନୁସୃତ ହେବା ଦେଖାଯାଇଥାଏ । ଏଠାରେ ସାଧାରଣତଃ ଯେଉଁମାନଙ୍କ ଉପରେ ନିୟମିତ ଭାବରେ ଏଇ ଅସହନୀୟ କାର୍ଯ୍ୟବୋଝ ଲଦି ଦିଆଯାଇଥାଏ, ସେମାନେ ହେଲେ ଜୁନିଅର ରେସିଡେଣ୍ଟ ଡାକ୍ତରମାନେ । ଏଇ ଯୁବ ଡାକ୍ତରମାନେ ହିଁ ଆଉଟ୍ ପେସେଣ୍ଟ ଡିପାର୍ଟମେଣ୍ଟର ଜନସମୁଦ୍ରର ମୁକାବିଲା କରିଥାନ୍ତି, ଏମର୍ଜେନ୍‌ସି ରୁମ୍‌ରେ ଜରୁରୀକାଳୀନ ସେବା ଯୋଗାଇଥାନ୍ତି, ଏକ ସମୟରେ 'ଆଇସିୟୁ'ରୁ ୱାର୍ଡ ପର୍ଯ୍ୟନ୍ତରେ ରୋଗୀମାନଙ୍କ ପାଖରେ ଉପସ୍ଥିତ ରହିବାର ଯାଦୁକରୀ କୌଶଳ ପ୍ରଦର୍ଶନ କରିଥାନ୍ତି ଏବଂ ଏଭଳି ଅତିମାନବୀୟ କାର୍ଯ୍ୟ ସଂପାଦନର ଅଂଶସ୍ୱରୂପ ଅକୁଣ୍ଠ ଭାବରେ ବିନିଦ୍ର ରଜନୀମାନ ମଧ୍ୟ ବିତାଇ ଚାଲିଥାନ୍ତି । ପୃଥିବୀର ସର୍ବାଧିକ ଜନବହୁଳ ଦେଶରେ ସ୍ୱାଭାବିକ ଭାବରେ ରୋଗୀ ସଂଖ୍ୟା ଓ ଡାକ୍ତର ସଂଖ୍ୟା ମଧ୍ୟରେ ଯେଉଁ ଘୋର ଅସମତୁଲ ଅବସ୍ଥା ପରିଲକ୍ଷିତ ହୋଇଥାଏ, ସେଥିଯୋଗୁଁ ସୃଷ୍ଟି ହେଉଥିବା ଚିକିତ୍ସା ସେବା ଯୋଗାଣର ବିଶାଳ ବୋଝ ବହନ କରିବାକୁ ପଡ଼ିଥାଏ ମୁଖ୍ୟତଃ ତାଲିମ ପ୍ରକ୍ରିୟା ଦେଇ ଗତି କରୁଥିବା ଏଇ ଯୁବ ଡାକ୍ତରମାନଙ୍କୁ । ସେମାନଙ୍କର ଏଇ କଷ୍ଟକର ଅବସ୍ଥାକୁ ଯାହା ଆହୁରି ଅଧିକ ଦୁର୍ବିଷହ କରିଥାଏ, ତାହା ହେଲା ସହାୟକ କର୍ମଚାରୀମାନଙ୍କର ଅଭାବ, ପ୍ରଶାସନିକ କାର୍ଯ୍ୟଭାର, ଜନ ଆକ୍ରୋଶ, ଉପଯୁକ୍ତ ହଷ୍ଟେଲ ସୁବିଧାର ଅନୁପସ୍ଥିତି ଇତ୍ୟାଦି । ଏସବୁ ଏକାଠି ହୋଇ ଏଇ ଯୁବ ଚିକିତ୍ସକମାନଙ୍କ ପାଇଁ ଯେଉଁ ବିଷାକ୍ତ ମନସ୍ତାତ୍ତ୍ୱିକ ପରିବେଶ ସୃଷ୍ଟି କରିଥାନ୍ତି, ତାହା ସେମାନଙ୍କ ମଧ୍ୟରୁ କେତେକଙ୍କୁ ଏକ ଅନ୍ତିମ ସମାଧାନର ଉପାୟ ସ୍ୱରୂପ ଆତ୍ମହତ୍ୟା ଦିଗରେ ଠେଲିଥାଏ । ସେଇ ଚିକିତ୍ସକମାନେ ହିଁ ଏପରି ଅବସ୍ଥାକୁ ମନସ୍ତାତ୍ତ୍ୱିକ ଦହନ ବା 'ବର୍ନଆଉଟ୍' ରୂପେ ନାମିତ କରିଥାନ୍ତି; ସେମାନେ କିନ୍ତୁ ନିଜକୁ ଏଇ ଅଗ୍ନିପରୀକ୍ଷାରୁ ଉଦ୍ଧାର କରି ନ ପାରି ଦଗ୍‌ଧୀଭୂତ ହୋଇଥାନ୍ତି । ଘରୋଇ ହସ୍‌ପିଟାଲମାନଙ୍କରେ ଅନୁସୃତ ସର୍ବାଧିକ ସମ୍ଭବ ଆୟ ଅର୍ଜନକାରୀ ନୀତି ମଧ୍ୟ ସେଠାରେ କାର୍ଯ୍ୟରତ ଡାକ୍ତରମାନଙ୍କ ସମ୍ମୁଖରେ ଯେଉଁ ଲକ୍ଷ୍ୟ ବା ଟାର୍ଗେଟ୍ ସ୍ଥାପନ କରିଥାଏ, ସେଥିପାଇଁ ସେମାନଙ୍କ ଉପରେ ସୃଷ୍ଟ ଚାପର ତୀବ୍ରତା ମଧ୍ୟ କିଛି କମ୍ ହୋଇ ନ ଥାଏ । ଏ ସମସ୍ୟାର ସ୍ଥାୟୀ ସମାଧାନ ସରକାରୀ କ୍ଷେତ୍ରରେ ଡାକ୍ତରୀ ଶିକ୍ଷାର ସଂପ୍ରସାରଣ ମାଧ୍ୟମରେ ଦେଶରେ ଡାକ୍ତର ଯୋଗାଣରେ ବୃଦ୍ଧି ଦ୍ୱାରା ହିଁ ସମ୍ଭବ ହେବ । କିନ୍ତୁ ସେଥିପୂର୍ବରୁ ଯୁବ ଡାକ୍ତରମାନଙ୍କୁ ଦୁର୍ବିଷହ କାର୍ଯ୍ୟବୋଝରୁ ରକ୍ଷା କରିବା ପାଇଁ ସେମାନେ ଏବେ ଦାବି କରୁଥିବା ଭଳି 'ରେସିଡେନ୍‌ସି ସ୍କିମ୍, ୧୯୯୨' ଅନୁସାରେ ତୁରନ୍ତ ଏକ ୪୮ଘଣ୍ଟିଆ କାର୍ଯ୍ୟସପ୍ତାହ ଓ ସାପ୍ତାହିକ କାର୍ଯ୍ୟ ବିରତି ନିୟମ ଲାଗୁ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ହେବ । ଏହାଦ୍ୱାରା ସେମାନେ ପ୍ରଦାନ କରୁଥିବା ଚିକିତ୍ସାର ମାନରେ ଉନ୍ନତି ଘଟି ରୋଗୀମାନଙ୍କର ମଧ୍ୟ ମଙ୍ଗଳସାଧିତ ହେବ ।

# ଆତ୍ମନିର୍ଭର ଓଡ଼ିଶା ଓ କୃଷିରେ ଏସଏଜେଡ୍

କୋଭିଡ ପରବର୍ତ୍ତୀ ଲକଡାଉନ୍ ପ୍ରଭାବରେ ସମଗ୍ର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାକୁ ଚାଲିଯାଇଥିଲା, ଏପରି ଏକ ସମୟରେ ସରକାର କୃଷି, ଶିଳ୍ପ, ପ୍ରଯୁକ୍ତି ଇତ୍ୟାଦି କ୍ଷେତ୍ରରେ ଆମ ଦେଶକୁ ଆତ୍ମନିର୍ଭର କରିବାପାଇଁ ବିଭିନ୍ନ ପଦକ୍ଷେପ ନେଲେ । ସଂପ୍ରତି ଇରାନ-ଆମେରିକା ଯୁଦ୍ଧ ହେଉ କି ଅନ୍ୟାନ୍ୟ ଆନ୍ତର୍ଜାତିକ ଘଟଣାମାନେ ହେଉ, ଏହା ରାଷ୍ଟ୍ରଗୁଡ଼ିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ କରିଥାଏ । ତେଣୁ ସାମ୍ପ୍ରତିକ ପରିସ୍ଥିତିରେ ଆମ ଦେଶକୁ ବିଭିନ୍ନ କ୍ଷେତ୍ରରେ ଆତ୍ମନିର୍ଭର ହେବାର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶା କୃଷିକ୍ଷେତ୍ରରେ ଆତ୍ମନିର୍ଭର ହେବା ଜରୁରି । ଦ୍ରୁତ ସହରୀକରଣ ଏବଂ ଶିଳ୍ପ ଅଭିବୃଦ୍ଧି ସତ୍ତ୍ୱେ କୃଷି ଓଡ଼ିଶାର ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି । ରାଜ୍ୟର ପ୍ରାୟ ତିନି-ଚତୁର୍ଥାଂଶ ଜନସଂଖ୍ୟା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି । ତଥାପି, ଏହି କ୍ଷେତ୍ର ନିମ୍ନ ଉତ୍ପାଦକତା, ଛୋଟ ଛୋଟ ଜମି, ମୌସୁମୀ ଉପରେ ଅତ୍ୟଧିକ ନିର୍ଭରଶୀଳତା, ଆଂଚଳିକ ବୈଷମ୍ୟ ଏବଂ ସୀମିତ ମୂଲ୍ୟଯୁକ୍ତ ଦ୍ୱାରା ପ୍ରଭାବିତ । ଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶା ଖାଦ୍ୟଶସ୍ୟ ଉତ୍ପାଦନରେ ଯଥେଷ୍ଟ ଅଗ୍ରଗତି ହାସଲ କରିଛି । ତଥାପି କୃଷି ଅଭିବୃଦ୍ଧିରେ ଅସମାନତା ଏବଂ ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟର କୃଷିକୁ ପ୍ରଭାବିତ କରିଥାଏ । ଓଡ଼ିଶାରେ ଉର୍ବର ଉପକୂଳବର୍ତ୍ତୀ ସମତଳ ଅଂଚଳରୁ ଆଦିବାସୀ ଉଚ୍ଚଭୂମି ଏବଂ ମରୁଡ଼ିପ୍ରବଣ ପଶ୍ଚିମ ଅଂଚଳ ପର୍ଯ୍ୟନ୍ତ ଉଲ୍ଲେଖନୀୟ କୃଷି-ଜଳବାୟୁ ବିବିଧତା ରହିଛି । ଏହି ବିବିଧତା ଫସଲ ବିଶେଷଜ୍ଞତା, ଉଦ୍ୟାନ କୃଷି, ମତ୍ସ୍ୟଚାଷ, ଜୈବିକ କୃଷି, ଡାଲି, ତୈଳବୀଜ ଏବଂ ବାଜରା ଚାଷ ପାଇଁ ଅପାର ସମ୍ଭାବନା ପ୍ରଦାନ କରେ । ତଥାପି ରାଜ୍ୟରେ କୃଷି ଯୋଜନାଗୁଡ଼ିକ ଅଂଚଳଭିତିକ ହୋଇନାହିଁ । ଏହି ପରିପ୍ରେକ୍ଷୀରେ ଶିଳ୍ପରେ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର Special Economic Zone / Industrial Park ପରି, ସ୍ୱତନ୍ତ୍ର କୃଷି କ୍ଷେତ୍ର (Special Agriculture Zone) ପ୍ରତିଷ୍ଠା ଏକ ଅଭିନବ ବିକଳ୍ପ । ଶିଳ୍ପରେ ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର ପରି ସ୍ୱତନ୍ତ୍ର କୃଷି କ୍ଷେତ୍ରଗୁଡ଼ିକୁ ଭୌଗୋଳିକ ଭାବରେ ଚିହ୍ନଟ କୃଷିକ୍ଷେତ୍ର ଭାବରେ ଡିଜାଇନ୍ କରାଯାଇପାରେ, ଯାହା ଭିନ୍ନିଭୂମି, ଗବେଷଣା, ପ୍ରକ୍ରିୟାକରଣ ସୁବିଧା, ବଜାର ସଂଯୋଗ ଏବଂ ରପ୍ତାନି ପ୍ରୋତ୍ସାହନ ଦ୍ୱାରା ସର୍ମ୍ଥିତ ନିର୍ଦ୍ଦିଷ୍ଟ ଫସଲ କିମ୍ବା କୃଷିଭିନ୍ନିକ କାର୍ଯ୍ୟକଳାପ ଉପରେ ଧ୍ୟାନ ଦେଇଥାଏ । ସଂପ୍ରତି ଓଡ଼ିଶା କୃଷି ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ଠିଆ ହୋଇଛି । ବାରମ୍ବାର ଘୂର୍ଣ୍ଣିବାତ୍ୟା, ବନ୍ୟା, ମରୁଡ଼ି, ପାରମ୍ପରିକ କୃଷିର ହ୍ରାସ ପାଉଥିବା ଲାଭ ଏବଂ ଜଳବାୟୁ ଅନିଶ୍ଚିତତା ବୃଦ୍ଧିପାଉଛି ଯାହା ଚାଷୀଙ୍କ ପାଇଁ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ଏପରି ପରିସ୍ଥିତିରେ, ସ୍ୱତନ୍ତ୍ର କୃଷି କ୍ଷେତ୍ର ପ୍ରତିଷ୍ଠା କରିବାର ଚିନ୍ତାଧାରାକୁ ଗମ୍ଭୀରତାର ସହ ନେବାର ଆବଶ୍ୟକତା ରହିଛି । ସ୍ଥାନୀୟ ମାଟି, ଜଳବାୟୁ, ଜଳସମ୍ପଦ ଏବଂ ବଜାର ସମ୍ଭାବନା ଉପରେ ଆଧାରିତ ନିର୍ଦ୍ଦିଷ୍ଟ ଫସଲ ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଉପରେ ଧ୍ୟାନଦେଇ ସ୍ୱତନ୍ତ୍ର କୃଷି କ୍ଷେତ୍ରଗୁଡ଼ିକୁ ଅଂଚଳଭିନ୍ନତକ ଏସଏଜେଡ ଭାବରେ ଧର୍ମ ଧାରା ବିକଶିତ କରାଯାଇପାରିବ । ଏପରି ଏକ ମଡେଲ ଓଡ଼ିଶାର କୃଷିକୁ ଜୀବନଧାରଣ ପାଇଁ କରାଯାଉଥିବା ଚାଷରୁ ବିବିଧ ଏବଂ ମୂଲ୍ୟଯୁକ୍ତ ଗ୍ରାମୀଣ ଉଦ୍ୟୋଗରେ ପରିଣତ କରିପାରିବ । ଆମ ଉପକୂଳବର୍ତ୍ତୀ ଅଂଚଳ ଧାନ, ମତ୍ସ୍ୟଚାଷ ଏବଂ ପନିପରିବା ପାଇଁ ଉପଯୁକ୍ତ । ପଶ୍ଚିମ ଓଡ଼ିଶା ଡାଲି ଏବଂ ତୈଳବୀଜ ପାଇଁ ଉପଯୁକ୍ତ । କୋରାପୁଟ, କନ୍ଧମାଳ ଏବଂ ରାୟଗଡ଼ା ଭଳି ଆଦିବାସୀ ଜିଲ୍ଲାଗୁଡ଼ିକରେ ବାଜରା, ମସଲା, ଉଦ୍ୟାନ କୃଷି ଏବଂ ଜୈବିକ କୃଷି ପାଇଁ ପ୍ରଚୁର ସମ୍ଭାବନା ରହିଛି । ତଥାପି ଓଡ଼ିଶାରେ କୃଷି ଯୋଜନା ମୁଖ୍ୟତଃ ସବୁ ଅଂଚଳ ପାଇଁ ସମାନ ରହିଛି । ସମାନ ନୀତି ଢାଂଚା ପ୍ରାୟତଃ ଭିନ୍ନ ପରିବେଶଗତ ପରିସ୍ଥିତି ଥିବା ଅଂଚଳଗୁଡ଼ିକରେ ପ୍ରୟୋଗ କରାଯାଏ । ଏହା ସୀମିତ ଉତ୍ପାଦକତା ଏବଂ ଚାଷୀଙ୍କ ଆୟ ସମ୍ଭାବନାକୁ ହ୍ରାସ କରୁଛି । ଆଜି ଓଡ଼ିଶାର ପ୍ରାୟ ୭୩ରୁ ୭୬ ପ୍ରତିଶତ ଜନସଂଖ୍ୟା ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ କୃଷି ଉପରେ ନିର୍ଭର କରନ୍ତି । ରାଜ୍ୟରେ ପ୍ରାୟ ୮୭ଲକ୍ଷ ହେକ୍ଟର ଫସଲ କ୍ଷେତ୍ର ଅଛି । ତଥାପି ଜଳସେଚନ କଭରେଜ୍ ମୋଟ୍ ଚାଷ ଜମିର ଏକ-ଚତୁର୍ଥାଂଶରୁ କମ୍ ସୀମିତ ରହିଛି । ତେଣୁ କୃଷି ମୌସୁମୀ ବର୍ଷା ଉପରେ ବହୁଳ ଭାବରେ ନିର୍ଭର କରେ । ଆଉ ଏକ ପ୍ରମୁଖ ଚିନ୍ତାର ବିଷୟ ହେଉଛି ଧାନଚାଷ ଉପରେ ଓଡ଼ିଶାର ଚାଷୀ ଅତ୍ୟଧିକ ନିର୍ଭରଶୀଳ । ପ୍ରାୟ ୭୭ ପ୍ରତିଶତ ଫସଲ କ୍ଷେତ୍ର ଧାନଚାଷ ଅଧୀନରେ ଅଛି । ଯଦିଓ ଭାରତର ଧାନ ଉତ୍ପାଦନରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ । କମ୍ ଲାଭ ପରିମାଣ, ଅଧିକ ଜଳ ବ୍ୟବହାର, ମାଟି ଅବକ୍ଷୟ, ବନ୍ୟା, ଘୂର୍ଣ୍ଣିବାତ୍ୟାର ସମ୍ଭାବନା ଏବଂ ସରକାରୀ କ୍ରୟବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିଥାଏ ଧାନ ଫସଲ । ଏହି କ୍ରମରେ କୋରାପୁଟ ଏବଂ ରାୟଗଡ଼ା ବାଜରା ଏବଂ ଜୈବିକ କୃଷି କ୍ଷେତ୍ର ଭାବରେ ଉଭା ହୋଇପାରିବେ । କନ୍ଧମାଳକୁ ହଳଦୀ ଏବଂ ମସଲା କ୍ଷେତ୍ର ଭାବରେ ବିକଶିତ କରାଯାଇପାରିବ । କଳାହାଣ୍ଡି ଏବଂ ବଲାଙ୍ଗୀର ଡାଲି ଏବଂ ତୈଳବୀଜ କ୍ଷେତ୍ର ହୋଇପାରିବ । ଉପକୂଳ ଓଡ଼ିଶା ମତ୍ସ୍ୟପାଳନ, ଚାଉଳ ପ୍ରକ୍ରିୟାକରଣ ଏବଂ ଉଦ୍ୟାନ କୃଷି ଉପରେ ଧ୍ୟାନ ଦେଇପାରିବ । ଏପରି ବିଶେଷଜ୍ଞତା ଉତ୍ପାଦକତାକୁ ଉନ୍ନତ କରିପାରିବ ଏବଂ ସ୍ଥାନୀୟ କୃଷି ଶିଳ୍ପ ସୃଷ୍ଟି କରିପାରିବ । ଚାଷୀମାନେ କେବଳ ଚାଷ ସହାୟତା ପାଇଁ ନୁହେଁ ବରଂ ପ୍ରକ୍ରିୟାକରଣ, ସଂରକ୍ଷଣ, ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ରପ୍ତାନି ସୁବିଧା ପାଇଁ ମଧ୍ୟ ସୁବିଧା ପାଇପାରିବେ । ଓଡ଼ିଶା ବର୍ତ୍ତମାନ କମ୍ ମୂଲ୍ୟ ବୃଦ୍ଧି ସହିତ ଧାନ, ହଳଦୀ, ମାଣ୍ଡିଆ, ସପୁରି, ପଣସ, ମସଲା ସାମଗ୍ରୀ ବହୁ ପରିମାଣର କଚ୍ଚା କୃଷି ଉତ୍ପାଦ ରପ୍ତାନି କରେ । ପ୍ରକ୍ରିୟାକୃତ ମସଲା ଉତ୍ପାଦ ବଦଳରେ ହଳଦୀ କଚ୍ଚା, ଖାଦ୍ୟ ପ୍ରକ୍ରିୟାକରଣ ବିନା ଫଳ, ବ୍ରାଣ୍ଡେଡ୍ ଚାଉଳ ଶିଳ୍ପ ବିନା ଧାନ ରପ୍ତାନି କରାଯାଏ । ଏ ଦିଗରେ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍, ଶୀତଳ ସଂରକ୍ଷଣ ଶୃଙ୍ଖଳା, ପ୍ୟାକେଜିଂ କେନ୍ଦ୍ର ଏବଂ ପରିବହନ ନେଟୱାର୍କଗୁଡ଼ିକ ବିଶେଷକରି ଯୁବପିଢ଼ି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବୃହତ ପରିମାଣର ଗ୍ରାମୀଣ ନିଯୁକ୍ତି ସୃଷ୍ଟି କରିପାରିବ । ସେହିପରି ଓଡ଼ିଶା ବାରମ୍ବାର ଘୂର୍ଣ୍ଣିଝଡ଼, ବନ୍ୟା, ମରୁଡ଼ି ଏବଂ ଅନିୟମିତ ବର୍ଷାର ସମ୍ମୁଖୀନ ହୁଏ । ଅଂଚଳ-ନିର୍ଦ୍ଦିଷ୍ଟ କୃଷି ଚାଷୀମାନଙ୍କୁ ଜଳବାୟୁ-ପ୍ରତିରୋଧୀ ଫସଲ ପ୍ରଣାଳୀ ଯେପରିକି ମରୁଡ଼ି-ପ୍ରତିରୋଧୀ ବାଜରା, ଲୁଣିଆ ପ୍ରତିରୋଧୀ ଧାନ ଏବଂ ସ୍ୱଳ୍ପ ଜଳ ତୈଳବୀଜ ଗ୍ରହଣ କରିବାରେ ସାହାଯ୍ୟ କରିପାରିବ । ଓଡ଼ିଶାର ଆଦିବାସୀ ଏବଂ ଆଦିବାସୀ କୃଷି ପରମ୍ପରାର ସୁରକ୍ଷା ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ । କୋରାପୁଟ ଅଂଚଳ ଏହାର ପାରମ୍ପରିକ ଧାନ, ଜୈବ ବିବିଧତା ଏବଂ ସ୍ଥାୟୀ କୃଷି ପଦ୍ଧତି ପାଇଁ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ । ସ୍ୱତନ୍ତ୍ର କୃଷି କ୍ଷେତ୍ର ଏସଏଜେଡଗୁଡ଼ିକ ସ୍ୱଦେଶୀ ବିହନ ସଂରକ୍ଷଣ କରିବାରେ ଏବଂ ବିଶ୍ୱ ବଜାର ସମ୍ଭାବନା ସହିତ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିପାରିବ । ଯଦି ଠିକ୍ ଭାବରେ ଯୋଜନା କରାଯାଏ ତେବେ ସ୍ୱତନ୍ତ୍ର କୃଷିକ୍ଷେତ୍ରଗୁଡ଼ିକ ଓଡ଼ିଶାର ଦ୍ୱିତୀୟ କୃଷି ପରିବର୍ତ୍ତନର ମୂଳଦୁଆ ହୋଇପାରିବ । ସେମାନେ କୃଷିକ୍ଷେତ୍ରରେ ପରିବର୍ତ୍ତନ କରିପାରିବେ । ଜୀବିକା ନିର୍ବାହରୁ ବାଣିଜ୍ୟକରଣ,ଏକ କୃଷିରୁ ବିବିଧତା ଏବଂ ନିମ୍ନ ଆୟକାରୀ କୃଷିରୁ ଗ୍ରାମୀଣ ସମୃଦ୍ଧି । ଉତ୍ତରାଖଣ୍ଡ ପ୍ରାୟ ୨୦୧୧ ମସିହାରେ ଆନୁଷ୍ଠାନିକ ଭାବରେ ସ୍ୱତନ୍ତ୍ର କୃଷିକ୍ଷେତ୍ର ଘୋଷଣା କରିଥିବା ପ୍ରଥମ ଭାରତୀୟ ରାଜ୍ୟ ହୋଇଥିଲା । ଏହାର ଉଦ୍ଦେଶ୍ୟ ଥିଲା ଜୈବିକ କୃଷି, ବିହନ ଉତ୍ପାଦନ, ସମନ୍ୱିତ ପାହାଡ଼ୀ କୃଷି, ଜଳସେଚନ, ପ୍ରକ୍ରିୟାକରଣ ଏବଂ ବିପଣନର ସୁବିଧା ସହ ଏହି ମଡେଲରେ ୨୪ଘଣ୍ଟା ବିଦ୍ୟୁତ ସହାୟତା, ଜଳସେଚନ ଭିନ୍ନିଭୂମି ମୃତ୍ତିକା ଚିକିତ୍ସା ସୁବିଧା, କୃଷି ପ୍ରକ୍ରିୟାକରଣ କେନ୍ଦ୍ର ଏବଂ କୃଷକମାନଙ୍କ ପାଇଁ ତାଲିମର ବ୍ୟବସ୍ଥା ଥିଲା । ସେହିପରି କେରଳ ମଧ୍ୟ ଫସଲ-ନିର୍ଦ୍ଦିଷ୍ଟ କୃଷି ଅଂଚଳ ଉପରେ ଧ୍ୟାନ ଦେବାପାଇଁ ବିଶେଷ କୃଷି ଅର୍ଥନୈତିକ କ୍ଷେତ୍ର ପ୍ରଚଳନ କରିଥିଲା । ଏହି ରାଜ୍ୟ ବିଭିନ୍ନ ଫସଲ ପାଇଁ ପୃଥକ କ୍ଷେତ୍ର ଚିହ୍ନଟ କରିଥିଲା । ଚାଉଳ ପାଇଁ କୁଟ୍ଟାନାଡ ଏବଂ ପାଲକ୍କଡ, କଦଳୀ ପାଇଁ ତ୍ରିସୁର, ଫୁଲ ଚାଷ ପାଇଁ ୱାୟାନାଡ । ହରିଆଣା ରାଜ୍ୟକୁ ଜଳବାୟୁ ଏବଂ ଫସଲ ଉପଯୁକ୍ତତା ଉପରେ ଆଧାର କରି ଚାରୋଟି ଉଦ୍ୟାନ କୃଷି କ୍ଷେତ୍ରରେ ବିଭକ୍ତ କରିଥିଲା । ଫଳ, ଫୁଲ, ପନିପରିବା ଏବଂ ଆଂଚଳିକ ଶକ୍ତି ସହିତ ସଂଯୁକ୍ତ ପ୍ରକ୍ରିୟାକରଣ ପାର୍କ । ଏହି ନୀତି ପାରମ୍ପରିକ ଗହମ ଧାନ ଚାଷରୁ ବିବିଧତାକୁ ପ୍ରୋତ୍ସାହିତ କରିଥିଲା । ଓଡ଼ିଶା ସେହିପରି ପାରମ୍ପରିକ ଧାନଚାଷ ନିର୍ଭରଶୀଳତାରୁ ଆଗକୁ ବଢ଼ିପାରିବ । ପଡ଼ୋଶୀ ଆନ୍ଧ୍ରପ୍ରଦେଶ କ୍ରମଶଃ ଅଞ୍ଚଳ ନିର୍ଦ୍ଦିଷ୍ଟ କୃଷି-ଶିଳ୍ପ ଯୋଜନା ଗ୍ରହଣ କରି ଏହାର ଉପକୂଳବର୍ତ୍ତୀ ଅଂଚଳଗୁଡ଼ିକରେ ମତ୍ସ୍ୟଚାଷ, ଜଳଜାତ ଦ୍ରବ୍ୟ ରପ୍ତାନି, ଖାଦ୍ୟ ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବାବେଳେ ଆଭ୍ୟନ୍ତରୀଣ ଅଂଚଳଗୁଡ଼ିକରେ ଉଦ୍ୟାନ କୃଷି ଏବଂ କୃଷି ଶିଳ୍ପକୁ ପ୍ରୋତ୍ସାହିତ କରାଯାଉଛି । ଉତ୍ତରପ୍ରଦେଶ ସମ୍ପ୍ରତି ବିଭିନ୍ନ କୃଷି-ଜଳବାୟୁ ଅଂଚଳରେ କ୍ଷେତ୍ର-ନିର୍ଦ୍ଦିଷ୍ଟ ବିହନ ପାର୍କ ଆରମ୍ଭ କରିଛି, ଯେଉଁଥିରେ ଅନ୍ତର୍ଭୁକ୍ତ ପଶ୍ଚିମ ୟୁପି, ତରାଇ, ବୁନ୍ଦେଲଖଣ୍ଡ ଏବଂ ପୂର୍ବ ୟୁପି । ଲକ୍ଷ୍ୟ ହେଉଛି କ୍ଷେତ୍ର-ନିର୍ଦ୍ଦିଷ୍ଟ ବିହନ ଉତ୍ପାଦନ କରିବା ଏବଂ ବୈଜ୍ଞାନିକ ବିଶେଷଜ୍ଞତା ମାଧ୍ୟମରେ ଉତ୍ପାଦକତାକୁ ଉନ୍ନତ କରିବା । ସାରା ଭାରତରେ କୃଷି ରପ୍ତାନି କ୍ଷେତ୍ର (ଇଶକ୍ସସମଙ୍କକ୍ଷଙ୍ଗଙ୍କକ୍ସବକ୍ଷ ରଙ୍ଗକ୍ଟକ୍ସକ୍ଷଙ୍ଗ ତକ୍ସଭରକ୍ସ) ଅଂଚଳ-ନିର୍ଦ୍ଦିଷ୍ଟ କୃଷି ଯୋଜନାକୁ ଏକ ପ୍ରଭାବଶାଳୀ ବିକାଶ ରଣନୀତି ଭାବରେ ଜାତୀୟସ୍ତରରେ ଗ୍ରହଣ କରାଯାଇଛି । ଭାରତ ୨୦୦୧ ପରଠାରୁ ଇଚରଉଇ (Agricultural and Processed food products export Development Authority ଅଧୀନରେ ରପ୍ତାନିଭିନ୍ନିକ କୃଷିର ପ୍ରସାର ପାଇଁ କୃଷି ରପ୍ତାନି କ୍ଷେତ୍ର (ଇରତଙ୍ଗ) ପ୍ରଚଳନ କରିଛନ୍ତି । ଏହି ଯୋଜନାରେ କୃଷି ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ଶୀତଳଭଣ୍ଡାର ସଂରକ୍ଷଣ ଏବଂ ରପ୍ତାନି ସମନ୍ୱିତ ସହାୟତାର ବ୍ୟବସ୍ଥା ରହିଛି । ବିଭିନ୍ନ ରାଜ୍ୟ ନିର୍ଦ୍ଦିଷ୍ଟ ଫସଲ ପାଇଁ ଇରତଙ୍ଗ ବିକଶିତ କରିଛନ୍ତି, ଯେପରିକି ଆମ୍ବ, ଅଙ୍ଗୁର, ମସଲା, ବାସମତୀ ଚାଉଳ, ଫୁଲଚାଷ, ଚା ଏବଂ ପନିପରିବା । ଏହି ଉଦାହରଣଗୁଡ଼ିକ ସ୍ୱଷ୍ଟଭାବରେ ଦର୍ଶାଉଛି ଯେ ଅନେକ ରାଜ୍ୟ ପୂର୍ବରୁ ଏହି ଫସଲ ବିଶେଷଜ୍ଞତା, କୃଷି-ଜଳବାୟୁ ଯୋଜନା, ମୂଲ୍ୟବୃଦ୍ଧି, ପ୍ରକ୍ରିୟାକରଣ ଭିନ୍ନିଭୂମି ଏବଂ ଅଂଚଳଭିତିକ କୃଷିନୀତିକୁ ପ୍ରୟୋଗ କରି ଏ ଦିଗରେ ଅଗ୍ରସର ହେଉଛନ୍ତି । ତଥାପି, ବିପୁଳ କୃଷି ବିବିଧତା ସତ୍ତ୍ୱେ ଓଡ଼ିଶାରେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସମନ୍ୱିତ ସ୍ୱତନ୍ତ୍ର କୃଷିକ୍ଷେତ୍ର ନୀତିର ଅଭାବ ଅଛି । ଅନେକ ରାଜ୍ୟ ପୂର୍ବରୁ ଭିନ୍ନ ଭିନ୍ନ ନାମରେ ସମାନ ଅଂଚଳ ନିର୍ଦ୍ଦିଷ୍ଟ କୃଷି ବିକାଶ ମଡେଲ ଗ୍ରହଣ କରିସାରିଛନ୍ତି । ଏହି ଅଭିଜ୍ଞତାରୁ ଓଡ଼ିଶା ଯଥେଷ୍ଟ ଶିଖିପାରିବ । ଓଡ଼ିଶା ଜାତୀୟସ୍ତରରେ କୃଷିକ୍ଷେତ୍ରରେ ଅଗ୍ରଣୀ ହେବାକୁ ହେଲେ ଅନ୍ୟ ରାଜ୍ୟର ମଡେଲକୁ ଆପଣେଇନେବାକୁ ହେବ ।

# ନେତାଙ୍କ ଯୋଗାସନ

ଜୁନ୍ ମାସ ବାଇଶ ତାରିଖ ଦିନ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ କ୍ଲିନିକ ସାମ୍ନାରେ ନେତାମାନଙ୍କର ହଠାତ୍ ଭିଡ଼ ଦେଖିବାକୁ ମିଳିଥିଲା । କାରଣ କ'ଣ ବୁଝୁ ବୁଝୁ ଜଣା ପଡ଼ିଲା ଯେ ଗତ ଦିନ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଏମାନେ ସବୁ ହାତ ଗୋଡ଼ ମୋଡ଼ି ବିଭିନ୍ନ ଯୋଗମୁଦ୍ରାର ଚିତ୍ର ଗଣମାଧ୍ୟମରେ ପ୍ରକାଶ କରିବାକୁ ଚାହିଁଥିଲେ । ଶୁଣାଯାଇଥିଲା ଯେ ଜଣେ ନେତା ମର୍କଟାସନ କରୁ କରୁ ଏମିତି ଛନ୍ଦି ହୋଇ ଫସିଗଲେ ଯେ ତାଙ୍କୁ ସେଥିରୁ ମୁକୁଳେଇବା ପାଇଁ ଜଣେ ଡାକ୍ତର ଓ ଗୋଟେ ଆମ୍ବୁଲାନ୍ସ ଡାକିବାକୁ ପଡ଼ିଥିଲା । କାଳେ ନାହିଁ ବେଳେ ନାହିଁ ହଠାତ୍ ଯଦି ଆପଣ ପଦ୍ମାସନରେ ବସିପଡ଼ି ଦୁଇ ହାତକୁ ପିଠି ପଟେ ବୁଲେଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହିଁବେ ତେବେ ଏଭଳି ଦଶା ଭୋଗିବା ସ୍ୱାଭାବିକ । ସୁନ୍ଦର ସ୍ୱାସ୍ଥ୍ୟ ଗୋଟିଏ ଦିନରେ ଗଢ଼ି ହୁଏ ନାହିଁ କି ଗୋଟିଏ ଦିନରେ ନିରୋଗ ବାର୍ଦ୍ଧକ୍ୟ ହାସଲ କରିହୁଏ ନାହିଁ । ସ୍ୱାସ୍ଥ୍ୟ ପ୍ରତ୍ୟହ ପ୍ରତ୍ୟକ୍ଷ ହୋଇଥାଏ । ଏହା ଦିନକର ପ୍ରତୀକାତ୍ମକତା ନୁହେଁ, ତେଣୁ ଯାହା ହେବା କଥା ହେଲା । ଏହି ଗୋଟିଏ ଦିନ ସମଗ୍ର ଭାରତବର୍ଷର ବିଭିନ୍ନ ପାର୍କ ଓ ମଣ୍ଡପମାନଙ୍କରେ ବଡ଼ ବଡ଼ ବ୍ୟାନର ଟାଙ୍ଗି ଯେଉଁ ଉତମ ସ୍ୱାସ୍ଥ୍ୟ ହାସଲ କରିବାକୁ ଚେଷ୍ଟା କରାଯାଇଥିଲା ତାହା ତା'ର ବାସିଦିନକୁ ଫସର ଫାଟି ଯାଇଥିଲା । ସେହିଦିନ ପାର୍କମାନଙ୍କରେ ସୁନ୍ଦର ସୁନ୍ଦର ବିଜ୍ଞାପନ ଓ ଶରୀରମାନଙ୍କରେ ରଙ୍ଗିନ ଟି ସାର୍ଟ ସବୁ ଶୋଭା ପାଉଥିଲା ଆଉ ଲାଗୁଥିଲା ସତେ ଯେମିତି ସମଗ୍ର ଭାରତବର୍ଷ ଯୋଗରେ ଏକପ୍ରାଣ ହୋଇଗଲା । କିନ୍ତୁ କଥାରେ ଅଛି- ରାତି ଗଲା ତ କଥା ସରିଲା । ଏ ଦିନ ବିଭିନ୍ନ ଯୋଗାସନର ମୁଦ୍ରା କରି ଅଧିକାଂଶ ଲୋକ ଏତେ ହାଲିଆ ହୋଇପଡ଼ିଲେ ଯେ ତା' ପରଦିନ ସେମାନଙ୍କୁ ଦଶଟା ବେଳକୁ ଉଠିବାକୁ ପଡ଼ିଲା ଆଉ ସ୍ୱାସ୍ଥ୍ୟ ଯଥା ପୂର୍ବମ୍ ତଥା ପରମ୍ ହୋଇ ରହିଗଲା । ଯୋଗ କେବଳ ଚଟେଇ ପକେଇ ହାତଗୋଡ଼ ଟେକାଟେକି କିମ୍ବା ନିଶ୍ୱାସ ପ୍ରଶ୍ୱାସର ସୁଁ ସାଁ ଶବ୍ଦ ନୁହେଁ । ଯୋଗ ହେଉଛି ଶରୀର, ମନ ଓ ପ୍ରାଣର ମିଳନ, ଯାହା ଆପଣଙ୍କ ନିଶ୍ୱାସ ପ୍ରଶ୍ୱାସ ଆଧାରରେ ମନକୁ ନିୟନ୍ତ୍ରଣ କରି ଶରୀରକୁ ସୁସ୍ଥ ରଖିଥାଏ । ଶରୀର, ମନ ଓ ପ୍ରାଣ ଏକ ଇକୋସିଷ୍ଟମ ବା ପରିସଂସ୍ଥା ସଦୃଶ କାମ କରିଥାଏ । ଗୋଟିଏ ଅନ୍ୟର ପରିପୂରକ ହୋଇ ରହିଥାଏ । ଏଥିରେ ଗୋଟିକର ବିଚ୍ୟୁତି ଘଟିଲେ ସଂପୂର୍ଣ୍ଣ ବ୍ୟବସ୍ଥା ବିଫଳ ହୋଇଯାଏ ଏବଂ ଶରୀର ରୋଗାକ୍ରାନ୍ତ ହୋଇଯାଇଥାଏ । ଅତଏବ ଯୋଗ ହେଉଛି ଏକ ସାମଗ୍ରିକ ସ୍ୱାସ୍ଥ୍ୟ ବିଜ୍ଞାନ । ଏହା ଦିନକରେ ହାସଲ କରିହୁଏ ନାହିଁ । ଏଥିପାଇଁ ଲଗାତାର ଆପଣଙ୍କୁ ଏକ ଶୃଙ୍ଖଳିତ ଜୀବନ ଜିଇଁବାକୁ ପଡ଼ିଥାଏ ଆଉ ଖାଦ୍ୟ ଶୈଳୀଠାରୁ ନେଇ ଜୀବନଶୈଳୀରେ ଘୋର ପରିବର୍ତନ କରିବାକୁ ପଡ଼ିଥାଏ । ଦିନଯାକ ଶରୀର ଉପରେ ଅତ୍ୟାଚାର କରି ଓ ପେଟ ଭିତରେ ନାନାଦି ଅଳିଆ ଆବର୍ଜନା ଭର୍ତି କରି ସକାଳୁ ହଜାର ହଜାର ଥର କପାଳଭାତି କଲେ ଏହାର ସାମାନ୍ୟତମ ପ୍ରଭାବ ମଧ୍ୟ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିନଥାଏ । ମନେ ରଖନ୍ତୁ, ଯୋଗ ମୁଖ୍ୟତଃ ରୋଗ ନିରାକରଣ କରିଥାଏ । ଏହା ରୋଗର ଚିକିତ୍ସା କିମ୍ବା ଉପଚାର କରି ନଥାଏ । ଏହା ଏକ ପ୍ରାଚୀନ ବିଜ୍ଞାନ ଯାହାର ଆଧୁନିକ ଚିକିତ୍ସା ବିଜ୍ଞାନ ସହିତ କୌଣସି ଶତ୍ରୁତା ନାହିଁ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକା ଅଧୀନରେ ହିଁ ହେବ । ) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ସୁନାଫୁଲ ପକ୍ଷରୁ କ୍ରାନ୍ତି ଦିବସ ପାଳିତ



ରାଉରକେଲା,୧୦/୮(ନି/ପ୍ର): ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ କଳିଙ୍ଗବିହାର ଟିସ୍କୋ କଲୋନୀସ୍ଥିତ ସୁନାଫୁଲ ସାହିତ୍ୟ ସଂସଦ ଗୃହ ପରିସରରେ କ୍ରାନ୍ତି ଦିବସ ପାଳନ ଓ କାର୍ଯ୍ୟକାରିଣୀ ବୈଠକ ସଂସଦର ସଭାପତି ମହେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ସୁନୀଲ ମହାନ୍ତି ସ୍ୱାଗତ ପ୍ରଦାନ ପୂର୍ବକ ଆଜିର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରି କହିଥିଲେ ଯେ, ସୁନାଫୁଲ ପକ୍ଷରୁ ପ୍ରତିବର୍ଷ ପରି ଚଳିତ ବର୍ଷ ଆସନ୍ତା ଶତେଇଶ ତାରିଖ ଗହ୍ମା ପୂର୍ଣ୍ଣିମା ଦିନ ଗଙ୍ଗାଧର ମେହେର ଜୟନ୍ତୀ ପାଳନ ଓ ଶିଶୁ ମହୋତ୍ସବ କରାଯିବ। ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସାକାର କରିବେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସଭ୍ୟ ସଭ୍ୟା ସହଯୋଗ କରିବାକୁ ସେ ନିବେଦନ କରିଥିଲେ କ୍ଷ କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ କ୍ରାନ୍ତି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ଯେ, ଆଜିର ଦିନରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଇଂରେଜମାନଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ କରାଯାଇଥିଲା କ୍ଷ ଆମ ଭାରତୀୟ ମାନେ 'କର ଅବା ମର ' ନୀତିରେ ସ୍ୱାଧୀନତା ପାଇଁ ଲଢେଇରେ ସାମିଲ ହୋଇଥିଲେ କ୍ଷ ସୁନାଫୁଲ ସାହିତ୍ୟ ସଂସଦ ଶିଶୁ କିଶୋରମାନଙ୍କ ମଙ୍ଗଳ ପାଇଁ ବିଭିନ୍ନ କାର୍ଯ୍ୟ କରି ଆସୁଛି । ସେ ଏହି ଅବସରରେ ଶିଶୁ ସାହିତ୍ୟ ମହୋତ୍ସବକୁ ଉତ୍ସାହର ସହିତ ପାଳନ କରିବାକୁ ପରାମର୍ଶ ଦେଇଥିଲେ । ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ପାଢ଼ୀ ସୁନାଫୁଲ ସାହିତ୍ୟ ଘରର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବାକୁ ପ୍ରସ୍ତାବ ଦେବା ସହ ଟିକିଟିକି ସୁନାଫୁଲ ପତ୍ରିକା ପାଇଁ ଲେଖା ଆହ୍ୱାନ କରିଥିଲେ। ସଭାପତି ମହେନ୍ଦ୍ର ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ, ସମାଜ ପାଇଁ ସେବା କରିବାକୁ ଆମମାନଙ୍କର ଇଚ୍ଛା ଶକ୍ତି ହିଁ ସଫଳତାର ରାସ୍ତା ଦେଖାଉଛି କ୍ଷ ।ମାତୃଭୂମି ଓ ମାତୃଭାଷା ପାଇଁ ସୁନାଫୁଲ ସାହିତ୍ୟ ସଂସଦର ସଭ୍ୟସଭ୍ୟାମାନଙ୍କର ତ୍ୟାଗ ଅତୁଳନୀୟ। ସଂସ୍କୃତି ସଭ୍ୟା ନିରୁପମା ପତି ଧନ୍ୟବାଦ ପ୍ରଦାନ କରିଥିବାବେଳେ, ରଶ୍ମି ବେହେରା, ସୂର୍ଯ୍ୟମଣି ପଣ୍ଡା, ଏସ. ଏନ ସ୍ୱାଇଁ. ପ୍ରମୋଦ କୁମାର ପାତ୍ର, ହୃଷିକେଶ ମୁଦୁଲି, ତ୍ରିଲୋଚନ ପାଢ଼ୀ ପ୍ରମୁଖ ବହୁ ସଭ୍ୟ ସଭ୍ୟା ଯୋଗ ଦାନ କରିଥିଲେ ।

# ଗୁରୁଦ୍ୱାର ରୋଡ୍ ୱାର୍ଡ ନମ୍ବର ୨୫ରେ ପ୍ରାୟ ୫୦ ଘରେ ପାଣି ଜମିଛି



ରାଉରକେଲା,୧୦/୮(ନି/ପ୍ର): ସ୍ମାର୍ଟ ସିଟି ରାଉରକେଲା ସହରର ଥିବା ୨୫ ନମ୍ବର ୱାର୍ଡ ଗୁରୁଦ୍ୱାର ରୋଡରେ ପ୍ରାୟ ୫୦ ଘରେ ବର୍ଷା ପାଣି ଜମି ରହିଥିବା ଅଭିଯୋଗ ହୋଇଛି। ରାଉରକେଲା ମହାନଗର ନିଗମ (ଜଗଉ)ର ଡ୍ରେନ୍ ପୁନଃ ନିର୍ମାଣ ସମୟରେ ବଡ ବଡ଼ ଡ୍ରେନଗୁଡିକୁ ସଂକୁଚିତ କରାଯାଇଥିବା ଯୋଗୁଁ, ଲଗାଣ ବର୍ଷା ଯୋଗୁଁ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଏଥିସହିତ ଡ୍ରେନଗୁଡିକରୁ ବର୍ଷା ପାଣି ସହିତ ମଇଳା ପାଣି ଘରେ ପ୍ରବେଶ କରୁଛି। ଫଳରେ ବାସଗୃହ ଭିତରେ ଆଲମାରୀରେ ରଖାଯାଇଥିବା ପୋଷାକ, ପିଲାମାନଙ୍କର ପୁସ୍ତକ, ନୋଟ୍‌ବୁକ୍, ଘରକରଣା ଜିନିଷପତ୍ର ଇତ୍ୟାଦି ନଷ୍ଟ ହୋଇଛି। ପ୍ରତିବର୍ଷ ବର୍ଷା ଋତୁରେ ଘଟୁଥିବା ସମସ୍ୟା ଯୋଗୁଁ ଲୋକମାନେ ଚିନ୍ତିତ ରହିଛନ୍ତି। ଲଗାଣ ବର୍ଷା ଯୋଗୁଁ ପିଲାମାନଙ୍କୁ ସ୍କୁଲରୁ ଛୁଟି ଦେବାକୁ ପଡୁଛି। ଏଥିସହିତ ଗୋପବନ୍ଧୁପାଲ୍ଲି ସନ୍ନିକଟ ରାଉରକେଲା ରେଳ ଷ୍ଟେସନ୍ ଦ୍ୱିତୀୟ ପ୍ରବେଶପଥ ସମ୍ମୁଖରେ ଥିବା ପାର୍କିଂ ସ୍ଥଳ ସମ୍ପୂର୍ଣ୍ଣ ବର୍ଷା ପାଣିରେ ବୁଡ଼ି ରହିଛି ବୋଲି ସ୍ଥାନୀୟ ଲୋକେ ଏବଂ ରେଳଯାତ୍ରୀ ଅଭିଯୋଗ କରିଛନ୍ତି। ରାଉରକେଲା ମହାନଗର ନିଗମ ପକ୍ଷରୁ ଏହାର ତୁରନ୍ତ ପ୍ରତିକାର କରାଯିବା ପାଇଁ ଦାବି କରାଯାଇଛି।

# ସୁର ତରଙ୍ଗର ମାସିକ ସଙ୍ଗୀତ କାର୍ଯ୍ୟକ୍ରମ

## ଚଳଚ୍ଚିତ୍ର ଅଭିନେତା ରାଜେଶ୍ ଖାନ୍ନାଙ୍କୁ ସମର୍ପିତ




ରାଉରକେଲା,୧୦/୮(ନି/ପ୍ର): ରାଉରକେଲା ସହରର ଜଣାଶୁଣା ସାମାଜିକ ସଂସ୍ଥା ସେୟାର ର ୱିଙ୍ଗ ସୁର ତରଙ୍ଗ ପକ୍ଷରୁ ମାସିକ ସଙ୍ଗୀତ କାର୍ଯ୍ୟକ୍ରମ ରାଜେଶ୍ ଖାନ୍ନା ସ୍ପେସିଆଲ ସରୋବର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ବିଶିଷ୍ଟ ସାମ୍ବାଦିକ ତଥା ଲେଖକ କୁଞ୍ଜବିହାରୀ ରାଉତ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମେ ସୁଧୀର ଅଧିକାରୀ ଓ ସମସ୍ତ ସୁର ତରଙ୍ଗ ପରିବାର ମା ଦୁର୍ଗା ଓ ଭଗବାନ ଜଗନ୍ନାଥଙ୍କ ମୂର୍ତ୍ତିକୁ ମାଳା ପିନ୍ଧାଇ ଓ ପ୍ରଦୀପ ଜାଳି କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ହିନ୍ଦୀ ଚଳଚ୍ଚିତ୍ର ଜଗତର ପ୍ରଥମ ସୁପରଷ୍ଟାର ରାଜେଶ୍ ଖାନ୍ନା କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । କାର୍ଯ୍ୟକ୍ରମଟି ମା'ଙ୍କ ବନ୍ଦନା ଓ ଜଗନ୍ନାଥ ଭଜନରୁ ଆରମ୍ଭ ହୋଇଥିଲା। ଏହା ପରେ ସୁର ତରଙ୍ଗର ସ୍ଥାପକ ଦିଲୀପ କୁମାର ପରିଡା ସଂସ୍ଥାର ଆଗାମୀ ସଙ୍ଗୀତ କାର୍ଯ୍ୟକ୍ରମ ଓ ସମସ୍ତ ପରିବାର ଲୋକଙ୍କ ସୁର ତରଙ୍ଗ ର ଯାତ୍ରା ଓ ଅନୁଭୂତି ବିଷୟରେ ଆଲୋକପାତ କରିଥିଲେ। ପରେ ଅନୁଷ୍ଠାନ ତରଫରୁ ଶୁଭସ୍ମିତା ଦାସ କରଙ୍କ ଜନ୍ମ ଦିନ ପାଳନ କରାଯାଇଥିଲକ୍ଷ । ପରେ ଅନୁଷ୍ଠାନର ଶୁଭସ୍ମିତା ଦାସ, ଦିଲୀପ କୁମାର ପରିଡା, ବିଶ୍ୱଜିତ ଲେଙ୍କା, ଇତି ପଟ୍ଟନାୟକ, ମନୋଜ୍ ଶାହା, ଜଗନ୍ନାଥ ସାହୁ,ବିଳାସିନୀ ଅଧିକାରୀ, ରମେଶ ଷଡ଼ଙ୍ଗୀ, ରାଜେନ୍ଦ୍ର ଅଗ୍ରୱାଲ, ଅନିରୁଦ୍ଧ ସାହୁ, ମୀନାକ୍ଷୀ ମହାରଣା,ଡ଼ ସତ୍ୟନାରାୟଣ ମିଶ୍ର ,ବିମଳ ସାହୁ, ସୁଧୀର ଅଧିକାରୀ, ମନୋଜ ମହନ୍ତ, ଲୀନା ସେନାପତି, ଶ୍ରାବଣୀ ମହାନ୍ତି , ନିବେଦିତା ବେହେରା ପ୍ରମୁଖ ରାଜେଶ୍ ଖାନ୍ନା ଙ୍କର ଚଳଚ୍ଚିତ୍ର ର ସୁନ୍ଦର୍ ସୁନ୍ଦର ଗୀତ ଗାଇଥିଲେ । ଯାହା ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା। କାର୍ଯ୍ୟକ୍ରମରେ ଅନିରୁଦ୍ଧ ସାହୁ ଓ ସୁଧୀର ଅଧିକାରୀଙ୍କର ଉଚ୍ଚକୋଟୀର ସଙ୍ଗୀତ ପରିବେଷଣ ଯୋଗୁଁ ଶ୍ରେଷ୍ଠ ସଂଗୀତ ଶିଳ୍ପୀ ଭାବେ ସମ୍ମାନିତ କରାଯାଇଥିଲା । ଡ. ସତ୍ୟନାରାୟଣ ମିଶ୍ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଶେଷରେ ରାଜେନ୍ଦ୍ର ଅଗ୍ରୱାଲ ଧନ୍ୟବାଦ ଜଣାଇ ଥିଲେ।

# ରକ୍ତଦାନ ମହାପୁଣ୍ୟ : ରାଉରକେଲା ଝିରପାଣିରେ ରକ୍ତଦାନ ଶିବିର



ରାଉରକେଲା,୧୦/୮(ନି/ପ୍ର): ସହରର ଝିରପାଣି ସାଇନିଂ କ୍ଲବ ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝିରପାଣି ବାସିନ୍ଦା କାଳା ଖାଲକୋ ଏବଂ ଜୟନ୍ତ ପତିଙ୍କ ନେତୃତ୍ୱରେ ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟଟି କରାଯାଇଥିଲା। ଝିରପାଣି ଅଚଂଳରେ ବସବାସ କରୁଥିବା ଜନସାଧାରଣମାନେ ସ୍ୱତପ୍ରବୃତ ଉତ୍ସାହିତ ହୋଇ ରକ୍ତଦାନ କରୁଥିବାର ଦେଖାଯାଇଥିଲା। ରକ୍ତଦାନ ଶିବିରଟି ସକାଳ ୭ ଟାରେ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍ଘାଟନ କରିଥିବା ବେଳେ, ହାଲୁ ମୁଣ୍ଡାରୀ, ପ୍ରଶାନ୍ତ ସେଠି, ରଞ୍ଜିତ ବୋଷ, ଚକ୍ରଧର ମଲ୍ଲିକ, ମହେନ୍ଦ୍ର କୁମ୍ଭାର, ବିଚିତ୍ରା ନନ୍ଦ କର , ରାମଚନ୍ଦ୍ର ଖଡିଆ, ଶୁଭମ ତନ୍ତୀ, ପ୍ରତିମା ପାତ୍ର, ଭାରତୀ ତନ୍ତୀ, ଜାହ୍ନବୀ ତନ୍ତୀ ପ୍ରମୁଖ ରହି କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ପରିଚାଳିତ କରିଥିଲେ। ରାଉରକେଲା ସମେତ ବିଭିନ୍ନ ପଚାଂୟତରେ ୭ ସପ୍ତାହ ଧରି ଏହି ରକ୍ତଦାନ କାର୍ଯ୍ୟକ୍ରମ ଚାଲୁରହିଛି। ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି କି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ସମୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଓ ଆଗକୁ ମଧ୍ୟ ଏହା ଚାଲୁ ରହିବ।

## କୋନ ବନେଗା କରୋଡ଼ପତିର ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଲେ ମାଲକାନଗିରି ଝିଅ ଜୟନ୍ତୀ

# ହଟ୍ ସିଟ୍‌ରେ ବସିବାର ସୁଯୋଗ ଅଳ୍ପକେ ହେଲା ହାତଛଡ଼ା

ମାଲକାନଗିର,୧୦/୮(ନି/ପ୍ର): ଅନେକ ପ୍ରତିକୂଳତାକୁ ପଛରେ ପକାଇ ସଫଳତାର ନୂଆ ଅଧ୍ୟାୟ ଲେଖିଛନ୍ତି ମାଲକାନଗିରି ଜିଲ୍ଲାର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା। ଦେଶର ଲୋକପ୍ରିୟ ଜ୍ଞାନଭିତିକ ପ୍ରଶ୍ନୋତର କାର୍ଯ୍ୟକ୍ରମ 'କୌନ ବନେଗା କରୋଡ଼ପତି'ର ବିଶାଳ ମଂଚରେ ପହଂଚି ଜୟନ୍ତୀ ମାଲକାନଗିରି ତଥା ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଚୟନ ହୋଇଥିବା ମାତ୍ର ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇବା ତାଙ୍କର ଏହି ସଫଳତାକୁ ଆହୁରି ବିଶେଷ କରିଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଭଳି ଅଂଚଳରୁ ଆସିଥିବା ଜୟନ୍ତୀ ସବୁବେଳେ ସାଧାରଣ ଲୋକ ଓ ଆଦିବାସୀ ସମାଜର ବିଭିନ୍ନ ସମସ୍ୟାକୁ ନେଇ ସ୍ୱର ଉଠାଇ ଆସିଛନ୍ତି। ସାମାଜିକ ସଚେତନତା ସୃଷ୍ଟି ସହ ଆଦିବାସୀ ସମାଜର ସମସ୍ୟାକୁ ବଡ଼ ମଂଚରେ ଉପସ୍ଥାପନ କରିବାର ତାଙ୍କର ପ୍ରୟାସ ତାଙ୍କୁ ଅନେକ ସମ୍ମାନ ଓ ପୁରସ୍କାର ମଧ୍ୟ ଦେଇଛି। ସୀମିତ ସୁବିଧା ଓ ଅନେକ ପ୍ରତିବନ୍ଧକତା ସତ୍ତ୍ୱେ ନିଜ ଦକ୍ଷତା ଓ ଜ୍ଞାନକୁ ଆଧାର କରି ଆଗକୁ ବଢ଼ିବାର ସ୍ୱପ୍ନ ଦେଖିଥିଲେ ସେ। କୌନ ବନେଗା କରୋଡ଼ପତିର ହଟ୍‌ସିଟ୍‌ରେ ବସିବା ଥିଲା ଜୟନ୍ତୀଙ୍କ ଦୀର୍ଘଦିନର ସ୍ୱପ୍ନ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ଦୀର୍ଘ ସମୟ ଧରି ପ୍ରସ୍ତୁତି ନେଇଥିଲେ। ଏଥିପାଇଁ ଅନେକ ପର୍ଯ୍ୟାୟର ପରୀକ୍ଷା, ସାଧାରଣ ଜ୍ଞାନ ଓ ପ୍ରଶ୍ନୋତର ପରୀକ୍ଷା ସହ ଅନଲାଇନ୍ ପରୀକ୍ଷା ଦେବାକୁ ପଡ଼ିଥିଲା। ସମସ୍ତ ପର୍ଯ୍ୟାୟ ଅତିକ୍ରମ କରି ଶେଷରେ ଦେଶର ୧୦ ଜଣ ଚୟନିତ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ହଟ୍‌ସିଟ୍ ବସିବାର ଶେଷ ପାହାଚରେ ଜୟନ୍ତୀ ସଫଳ ହୋଇପାରିନଥିଲେ ମଧ୍ୟ ତାଙ୍କର ଏହି ଯାତ୍ରା ନିଶ୍ଚିତ ଭାବେ ଏକ ବଡ଼ ଅନୁଭୂତି। କାରଣ ଦେଶର ଏତେ ବଡ଼ ମଂଚରେ ପହଂଚିବା ସହ ମହାନାୟକ ଅମିତାଭ ବଚ୍ଚନଙ୍କୁ ଅତି ନିକଟରୁ ଦେଖିବା ଓ ତାଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳିଛି ଜୟନ୍ତୀଙ୍କୁ।

# ରାଉରକେଲାରେ ବିଶ୍ୱ ଆଦିବାସୀ ଦିବସ ପାଳିତ




ରାଉରକେଲା,୧୦/୮(ନି/ପ୍ର): ବିଶ୍ୱ ଆଦିବାସୀ ଦିବସ ଅବସରରେ ରବିବାର ଅଗଷ୍ଟ ୯ ତାରିଖ ଦିନ ରାଉରକେଲା ଉଦିତନଗର ସ୍ଥିତ ସାରନା ପୂଜା ସ୍ଥଳରେ ବିଶ୍ୱ ଆଦିବାସୀ ଦିବସ-୨୦୨୬ ଉତ୍ସାହର ସହ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବହୁ ଆଦିବାସୀ ଯୁବକ ଯୁବତୀ ଏକତ୍ରୀତ ହୋଇ ଆଦିବାସୀ ସଂସ୍କୃତି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ବିର୍ସା ଛକ ଠାରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଆସି ଯୁବକ ଯୁବତୀମାନେ ସାରନା ପୂଜା ସ୍ଥଳରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ପରେ ଏକ ସାଧାରଣ ସଭାରେ ବକ୍ତାମାନେ ଆଦିବାସୀ ସଂସ୍କୃତି, ଭାଷା, ଜଳ ଜଙ୍ଗଲର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବରେ ଓଡିଶା ପ୍ରଦେଶ ସାରନା କମିଟିର ଅଧ୍ୟକ୍ଷ ମଣିଲାଲ କେର୍କେଟା, ଡାକ୍ତର ଏମ୍ ସୋରେନ୍, ଆରଏସପିଏସଟିଡବ୍ଲୁଏ କାର୍ଯ୍ୟକାରୀ ସଦସ୍ୟ ମନୋରଂଜନ ହାଂସଦା ଏବଂ ଦୁର୍ଗା ମାରାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ପରମାନନ୍ଦ କିସ୍କୁ ପରିଚାଳନା କରିବା ସହିତ ତାଙ୍କୁ ସହଯୋଗ କରିଥିଲେ, ସଭାପତି ସାଗର ମୁଣ୍ଡା, ଫକୀର ମୋହନ ଏକ୍କା, ବୁଟୁ କେରକେଟା, ଯୋଗେଶ୍ୱର ଟିଗ୍ଗା, ଝାଡେଶ୍ୱର ଓରାମ, ମାନସିଂ ହେମ୍ବ୍ରମ୍ ଏବଂ ରବିନ୍ଦ୍ର ମାହାଲି ପ୍ରମୁଖ ।

# ଦଶନ୍ଧି ଧରି ଅଭିଜ୍ଞତା ସହ ୨୪ ଘଣ୍ଟା ସେବା ତତ୍ପର : ଇସ୍ପାତ ଜେନେରାଲ ହସପିଟାଲର ଜରୁରୀକାଳୀନ ବିଭାଗ



ରାଉରକେଲା,୧୦/୮(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ ହସପିଟାଲ (ଆଇ.ଜି.ଏଚ) ର କ୍ୟାଜୁଆଲଟି ଏବଂ ଜରୁରୀକାଳୀନ ବିଭାଗ ଏହି ଅଚଂଳରେ ସାଧାରଣ ଜନତାଙ୍କ ସମେତ ସମସ୍ତ ହିତାଧିକାରୀଙ୍କୁ ୨୪ ଘଣ୍ଟିଆ ଚିକିତ୍ସା ସେବା ଯୋଗାଇଦେଇ ଆପାତକାଳୀନ ସ୍ୱାସ୍ଥ୍ୟସେବାର ଏକ ପ୍ରମୁଖ ସଂସ୍ଥା ରୂପେ କାର୍ଯ୍ୟ କରିଆସୁଛି। ଏହି ଅଚଂଳର ଅନ୍ୟତମ ପୁରାତନ ଏବଂ ବ୍ୟସ୍ତବହୁଳ ଜରୁରୀକାଳୀନ ବିଭାଗ ଭାବେ, ଏହି ବିଭାଗଟି ବର୍ଷକୁ ୩୬୫ ଦିନ, ଦିନକୁ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବା ସହ ବାର୍ଷିକ ପ୍ରାୟ ୫୦,୦୦୦ ଜରୁରୀକାଳୀନ ରୋଗୀଙ୍କୁ ସେବା ଯୋଗାଇଥାଏ। ଉକ୍ତ ହସପିଟାଲ ସେବା ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା , ପି.ଏମ–ଯେ.ଏ.ୱାୟ ସମେତ ମୁଖ୍ୟ ସରକାରୀ ସ୍ୱାସ୍ଥ୍ୟସେବା ଯୋଜନା ଅଧୀନରେ ଚିକିତ୍ସା ସୁବିଧା ମଧ୍ୟ ପ୍ରଦାନ କରେ, ଯାହା ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ଗୁଣାତ୍ମକ ଜରୁରୀକାଳୀନ ସେବା ଉପଲବ୍ଧ କରାଇବାରେ ସାହାଯ୍ୟ କରିଥାଏ। ଦିନରାତି ଅଭିଜ୍ଞ ଜରୁରୀକାଳୀନ ଚିକିତ୍ସା ଅଧିକାରୀ ମାନଙ୍କ ଉପଲବ୍ଧତା ଏହି ବିଭାଗର ମୁଖ୍ୟ ଶକ୍ତି ହୋଇଥିବା ବେଳେ ମେଡିକାଲ ଏବଂ ସର୍ଜିକାଲ ଆପାତକାଳୀନ ପରିସ୍ଥିତି ପରିଚାଳନାରେ ପ୍ରାୟ ୧୫ ବର୍ଷର ହାରାହାରି ଅଭିଜ୍ଞତା ସହିତ, ଏହି ଡାକ୍ତରୀ ଦଳ ଜୀବନ ପ୍ରତି ବିପଦ ଥିବା ପରିସ୍ଥିତିକୁ ତୁରନ୍ତ ଚିହ୍ନଟ କରିବା, ଉପଯୁକ୍ତ ଚିକିତ୍ସା ଆରମ୍ଭ କରିବା ଏବଂ ପ୍ରତ୍ୟେକ ସେକେଣ୍ଡ ଗୁରୁତ୍ୱପୂର୍ଣ୍ଣ ଥିବା ସମୟରେ ଜରୁରୀ ସାଧାରଣ-ଚିକିତ୍ସା ନିଷ୍ପତି ନେବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ। ଏହି ବିଭାଗ ସଡ଼କ ଦୁର୍ଘଟଣା, ଶିଳ୍ପାଂଚଳ ଦୁର୍ଘଟଣା, ହୃଦଘାତ, ଷ୍ଟ୍ରୋକ, ବିଷକ୍ରିୟା, ସର୍ପାଘାତ, ଜ୍ୱଳନ , ଶିଶୁ ଏବଂ ପ୍ରସୂତି କାଳୀନ ଜରୁରୀ ପରିସ୍ଥିତି, ଗୁରୁତର ରୋଗ ଏବଂ ମେଡିକୋ-ଲିଗାଲ କେସ୍ ସମେତ ବ୍ୟାପକ ସ୍ତରର ଆପାତକାଳୀନ ସମସ୍ୟାର ସମାଧାନ କରେ। ଜରୁରୀକାଳୀନ ସେବାର ଚାପଗ୍ରସ୍ତ ଏବଂ ଅନିଶ୍ଚିତ ସ୍ୱଭାବ ସତ୍ତ୍ୱେ, ଏହି ଦଳ ରୋଗୀମାନଙ୍କୁ ସମୟୋପଯୋଗୀ ଏବଂ ପ୍ରମାଣ-ଆଧାରିତ ଚିକିତ୍ସା ଯୋଗାଇଦେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ ରଖିଥାଏ। ରୋଗୀଙ୍କ ଅତ୍ୟଧିକ ଆଗମନକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ, ଏହି ବିଭାଗ ଏକ ଏନ.ଏ.ବି.ଏଚ -ଅନୁମୋଦିତ ପ୍ରଣାଳୀ ଅନୁସରଣ କରେ, ଯାହା ଗୁରୁତର ଅସୁସ୍ଥ ରୋଗୀଙ୍କୁ ପ୍ରାଥମିକତା ଦେବା ସହ ଅଧିକ ଭିଡ଼ ସମୟରେ ମଧ୍ୟ ରୋଗୀଙ୍କ ଆଗମନ-ନିର୍ଗମନ ପ୍ରକ୍ରିୟାକୁ ସୁଗମ କରିଥାଏ। ସଘନ ନଜର କିମ୍ବା ଆଡଭାନ୍ସଡ ଲାଇଫ ସପୋର୍ଟ ଆବଶ୍ୟକ କରୁଥିବା ରୋଗୀଙ୍କୁ ତୁରନ୍ତ ସ୍ଥିର କରାଯାଇ ଆଇସିୟୁ କୁ ସ୍ଥାନାନ୍ତର କରାଯାଇଥାଏ, ଯାହା ସେବାର ନିରନ୍ତରତା ନିଶ୍ଚିତ କରେ। ଆଇ.ଜି.ଏଚ ର ଜରୁରୀକାଳୀନ ସେବା ଶିଶୁରୋଗ, ପ୍ରସୂତି ଓ ସ୍ତ୍ରୀରୋଗ, ମେଡିସିନ, ସର୍ଜରୀ, ଅସ୍ଥିଶଲ୍ୟ, ଆନେସ୍ଥେସିଓଲୋଜି ଏବଂ ଅନ୍ୟାନ୍ୟ ବିଶେଷଜ୍ଞ ବିଭାଗଗୁଡ଼ିକର ୨୪ ଘଣ୍ଟିଆ ସହଯୋଗ ଦ୍ୱାରା ଅଧିକ ସୁଦୃଢ଼ ହୋଇଛି। ୨୪ ଘଣ୍ଟିଆ ବ୍ଲଡ୍ ବ୍ୟାଙ୍କ ଏବଂ ଅପରେସନ ଥିଏଟର ସେବାର ଉପଲବ୍ଧତା ଗୁରୁତର ଏବଂ ଜରୁରୀକାଳୀନ ମାମଲାଗୁଡ଼ିକର ସମ୍ପୂର୍ଣ୍ଣ ପରିଚାଳନାକୁ ସକ୍ଷମ କରିଥାଏ। ଏହି ବିଭାଗର ନେତୃତ୍ୱ ଡାକ୍ତର ଉଦୟ କିସ୍କୁ, ଉପ ମୁଖ୍ୟ ଚିକିତ୍ସା ଅଧିକାରୀ (ପ୍ରଭାରୀ, କ୍ୟାଜୁଆଲଟି) ନେଉଥିବା ବେଳେ ତାଙ୍କୁ ଡାକ୍ତର ଏସ. ଏନ. ସାହୁ, ଡାକ୍ତର ନବୀଶ କୁମାର ଏବଂ ଡାକ୍ତର ସାକେତ ସିଂ ସହଯୋଗ କରୁଛନ୍ତି। ପ୍ରଶାସନିକ ସହଯୋଗ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀମତୀ ମାଧୁମିତା ସାହୁଙ୍କ ଦ୍ୱାରା ପ୍ରଦାନ କରାଯାଉଛି।

## ଚନ୍ଦ୍ରଶେଖର କ୍ରୀଡା ସଂଗଠନର ବାର୍ଷିକ ସାଧାରଣ ପରିଷଦ ବୈଠକ

# ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚିତ



ରାଉରକେଲଶ,୧୦/୮(ନି/ପ୍ର): ପଶ୍ଚିମ ଓଡ଼ିଶାର ଅଗ୍ରଣୀ କୀଡା ଅନୁଷ୍ଠାନ ଚନ୍ଦ୍ରଶେଖର କ୍ରୀଡା ସଂଗଠନର ବାର୍ଷିକ ସାଧାରଣ ପରିଷଦ ବୈଠକ ଆଜି ସକାଳେ ସେକ୍ଟର-୨ ସ୍ଥିତ ଗାୟତ୍ରୀ ଶକ୍ତି ପୀଠ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକ ସଂଗଠନ ର ବରିଷ୍ଠ ସଦସ୍ୟ ନିଖିଳ କଳାକାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ସଦସ୍ୟ ସଞ୍ଜୀବ କୁମାର ନାୟକ ସଂଗଠନ ର ଆଭିମୁଖ୍ୟ ଓ ଆଗାମୀ ଦିନରେ କ୍ରୀଡା ର ପ୍ରସାର ଦିଗରେ ସଂଗଠନ ର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଆଗକୁ ଜାତୀୟ କ୍ରୀଡା ଦିବସ ଆସୁଥିବାରୁ ଏହା କୁ ସରସ ସୁନ୍ଦର କରି ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ତଥା ପ୍ରତିଷ୍ଠାତା ଦେବଦତ ଜେନା ସଂଗଠନର ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚନ ସଂଗଠନକୁ ମଜବୁତ କରିବା ସହଯୋଗକୁ ଅଧିକ ଗୁରୁତ୍ୱ ଦେବାପାଇଁ ପ୍ରସ୍ତାବ ଦେଇଥିଲେ। ସର୍ବସମ୍ମତି କ୍ରମେ ଆଗାମୀ ତିନି ବର୍ଷ ପାଇଁ କମିଟି ଘୋଷଣା କରାଯାଇଥିଲା। ଏଥିରେ ମୁଖ୍ୟ ପୃଷ୍ଠପୋଷକ ଭାବେ ରଘୁନାଥପାଲୀ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଦୁର୍ଗା ଚରଣ ତନ୍ତୀ, ପୃଷ୍ଠପୋଷକ ଭାବେ ଆରଏସପି ଅଗ୍ନିଶମ ବିଭାଗର ସିଜିଏମ୍ ହିରାଲାଲ ମହାପାତ୍ର, ରାଉରକେଲା ଚାମ୍ବର ଅଫ କମର୍ସ ର ସଭାପତି ମଳୟ ମଣ୍ଡଳ ଓ ସଂଗଠନର ଅଧ୍ୟକ୍ଷ ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ରହିଛନ୍ତି। ସଭାପତି ସଞ୍ଜୀବ କୁମାର ନାୟକ, ଉପସଭାପତି ନିଖିଳ କଳାକାର ପ୍ରଧାନ, ଗୋପାଳ ଜେନା ସାଧାରଣ ସମ୍ପାଦକ ଦେବଦନ୍ତ ଜେନା, ସାଂଗଠନିକ ସମ୍ପାଦକ ସୁଶାନ୍ତ ଶତପଥୀ, କୋଷାଧକ୍ଷ ବିଶ୍ୱଜିତ ମହାନ୍ତି,୩ ଜଣିଆ ଯୁଗ୍ମ ସମ୍ପାଦକ ମଣ୍ଡଳୀରେ ଗୁପ୍ତେଶ୍ୱର ଡୋରା,ସାମନ୍ତ କୁମାର, ଦେବାଶିଷ ପରିଡା, ସଂଯୋଜକ ସସ୍ମିତା ଦାଶ, ଯୁଗ୍ମ ସଂଯୋଜକ ରବିନାରାୟଣ ମାହାନ୍ତି,ମିଡିଆ ସଂଯୋଜକ ଅଜୟ କୁମାର ପାତ୍ର ଓ ସାଧାରଣ ସମ୍ପାଦକ ଙ୍କୁ ସହଯୋଗ କରିବା ପାଇଁ ଚାରିଜଣିଆ ସମ୍ପାଦକ ମଣ୍ଡଳୀ ରେ ପ୍ରକାଶ ଭୋଇ, ସୁରେନ୍ଦ୍ର ସ୍ୱାଇଁ, ରୁଦ୍ରନାରାୟଣ ସାହୁ, ବିରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ରହିଛନ୍ତି। ଏହାବ୍ୟତୀତ ନଅ ଜଣିଆ କାର୍ଯ୍ୟକାରୀ କମିଟି ରେ ମନୋଜ ମାଝୀ,କେଶବ ପ୍ରଧାନ,ସୁବାଷ ବିଶ୍ୱାଳ,ରାମ ନାରାୟଣ ନାୟକ ରୌନକ ଦାସ, ସନ୍ତୋଷ କୁମାର ବେହେରା,ଆନ୍ନା କେରକେଟା, ଗୀତା ମିଶ୍ର ଓ ସଞ୍ଜୀବ ମାହାନ୍ତି ରହିଛନ୍ତି। ଉକ୍ତ କମିଟି ଆଗାମୀ ତିନି ବର୍ଷ ଧରି ସଂଗଠନର ସମସ୍ତ ଦାୟିତ୍ୱ ନିର୍ବାହ କରିବ। ଶେଷରେ ଦେବାଶିଷ ପରିଡା ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।